

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448






# ରାଘବ ଚଡାଙ୍କୁ ଝଟକା : ରାଜ୍ୟସଭା ଉପନେତା ପଦରୁ ହଟିଲେ





ନୂଆଦିଲ୍ଲୀ,୨।୪: ରାଜ୍ୟସଭା ସାଂସଦ ରାଘବ ଚଡାଙ୍କୁ ବଡ଼ ଝଟକାଙ୍ଗଆମ ଆଦମୀ ପାର୍ଟି (ଆପ) ତାଙ୍କୁ ରାଜ୍ୟସଭାରେ ଉପନେତା ପଦରୁ ହଟାଇ ଦେଇଛି। ଏହା ବ୍ୟତୀତ, ରାଜ୍ୟସଭାରେ ତାଙ୍କର କହିବା ଅଧିକାର ମଧ୍ୟ ସଙ୍କୁଚିତ ହୋଇଛି। ଆମ ଆଦମୀ ପାର୍ଟି ଏବେ ରାଘବ ଚଡାଙ୍କ ସ୍ଥାନରେ ଜଣେ ନୂତନ ଉପନେତାଙ୍କୁ ନିଯୁକ୍ତ କରିଛି। ଆମ ଆଦମୀ ପାର୍ଟି ସାଂସଦ ଅଶୋକ ମିତ୍ତଲ ଏବେ ରାଜ୍ୟସଭାରେ ଉପନେତା ହେବେ। ଏହି ସମ୍ପର୍କରେ ଆମ ଆଦମୀ ପାର୍ଟି ରାଜ୍ୟସଭା ସଚିବାଳୟରେ ଏକ ଚିଠି ଦାଖଲ କରିଛି।ସୂତ୍ର ଅନୁସାରେ, ଆମ ଆଦମୀ ପାର୍ଟି ରାଜ୍ୟସଭା ସଚିବାଳୟକୁ ଜଣାଇଛି ଯେ ସାଂସଦ ରାଘବ ଚଡାଙ୍କୁ ସଂସଦରେ କହିବା ପାଇଁ ସମୟ ଦିଆଯିବା ଉଚିତ୍ ନୁହେଁ। ଚଡାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସେ ରାଜ୍ୟସଭାରେ ସାର୍ବଜନୀନ ପ୍ରସଙ୍ଗ ଉପରେ ଲଗାତାର ସ୍ୱର ଉଠାଇ ଆସୁଛନ୍ତି, ଜନସ୍ୱାର୍ଥର ପ୍ରସଙ୍ଗ ଉଠାଇଛନ୍ତି, ତାହା ବିମାନବନ୍ଦରରେ ୧୦ ଟଙ୍କାର ଚା ହେଉ କିମ୍ବା ଡେଲିଭରି ବୟଙ୍କ ପ୍ରସଙ୍ଗ।ସୂତ୍ର ଅନୁସାରେ ଦଳର ହାଇକମାଣ୍ଡ ତାଙ୍କୁ ଚେତାବନୀ ଦେଇଥିଲେ ଯେ ସେ ପୂର୍ବରୁ ଆଲୋଚନା ନକରି କିଛି ପ୍ରସଙ୍ଗରେ କହୁଛନ୍ତି।

## ଅଶୋକ ମିତଲଙ୍କୁ ଦାୟିତ୍ୱ ଦେଲା ଆପ୍

ରାଜ୍ୟସଭାରେ ସେ କେଉଁ ପ୍ରସଙ୍ଗ ଉଠାଇବେ ସେ ବିଷୟରେ ଦଳକୁ ଜଣାଇବାକୁ ମଧ୍ୟ ସେ ମନା କରିଦେଇଥିଲେ। ଯଦିଓ ଆମ ଆଦମୀ ପାର୍ଟି ଏହି ନିଷ୍ପତ୍ତି ପଛର କାରଣ କହିନାହିଁ,କିନ୍ତୁ କୁହାଯାଉଛି ଦଳ ପ୍ରତି ଉଦାସୀନତା ଏବଂ ଦଳୀୟ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାରେ ଅସମର୍ଥତା ଯୋଗୁଁ ରାଘବ ଚଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଚଡା ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଦଳୀୟ ପ୍ରସଙ୍ଗରେ ନୀରବ ରହିଥିଲେ। ନିକଟରେ ଯେତେବେଳେ ଅରବିନ୍ଦ କେଜରିୱାଲଙ୍କୁ ମଦ ଦୁର୍ନୀତିରେ ଆଶ୍ୱସ୍ତି ଦିଆଯାଇଥିଲା, ସେ କେଜରିୱାଲଙ୍କୁ ଭେଟି ନଥିଲେ କିମ୍ବା ସୋସିଆଲ ମିଡିଆରେ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନଥିଲେ। ଏହି ନୀରବତାକୁ ଦଳଠାରୁ ଦୂରତା ଭାବରେ ଦେଖାଯାଉଥିଲା। ଏବେ ତାଙ୍କୁ ଦାୟିତ୍ୱପୂର୍ଣ୍ଣ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଘବ ଚଡା କିଛି ସମୟ ଧରି ସଂସଦରେ ଅନେକ ସାର୍ବଜନୀନ ପ୍ରସଙ୍ଗ ଉଠାଇଛନ୍ତି। ସେ ହିଁ ବିମାନବନ୍ଦରରେ ୧୦ ଟଙ୍କାରେ ଚା'ର ମିଳିବା ପ୍ରସଙ୍ଗ ଉଠାଇଥିଲେ। ସେ ଡେଲିଭରି ବୟଙ୍କ ପ୍ରସଙ୍ଗକୁ ମଧ୍ୟ ଦୃଢ଼ ଭାବରେ ଉଠାଇଥିଲେ, ଯାହା ଫଳରେ ଜୋମାଟୋ ଏବଂ ସ୍ୱିଗି ସମେତ ଅନେକ ଅନଲାଇନ୍ ଡେଲିଭରି ପ୍ଲାଟଫର୍ମ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା। ଦୁଇ ଦିନ ପୂର୍ବରୁ ରାଘବ ଗୃହରେ ପିତୃତ୍ୱ ଛୁଟି ଦାବି କରିଥିଲେ ଏବଂ ଦେଶରେ ପିତୃତ୍ୱ ଛୁଟିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ କରିଥିଲେ। ସେ ଦେଶର ଲକ୍ଷ ଲକ୍ଷ ପିତାଙ୍କ ସ୍ୱର ପାଲଟିଥିଲେ ଏବଂ ସେମାନଙ୍କ ଅଧିକାର ଦାବି କରିଥିଲେ।

# ଦୁଇ ଦିନିଆ ଭାରତ ଗସ୍ତରେ ରୁଷ୍ ଉପ-ପ୍ରଧାନମନ୍ତ୍ରୀ:

## ରୁଷ୍ ସହ ବଢ଼ିବ ବାଣିଜ୍ୟ ଓ ରଣନୈତିକ ସମ୍ପର୍କ



ନୂଆଦିଲ୍ଲୀ, ୨।୪: ଭାରତ ଓ ରୁଷ୍ ମଧ୍ୟରେ ରହିଥିବା ରଣନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ରୁଷ୍‌ର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଡେନିସ ମଣ୍ଟୁ ରୋଭ ଦୁଇ ଦିନିଆ ଭାରତ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ବୈଦେଶିକ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ସୂଚନାଯୋଗ୍ୟ ଯେ, ମଣ୍ଟୁ ରୋଭ ଭାରତ-ରୁଷ୍ ଆନ୍ତଃ-ସରକାରୀ କମିଶନର ସହ-ଅଧ୍ୟକ୍ଷ ମଧ୍ୟ ଅଛନ୍ତି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କ ସୂଚନା ଅନୁଯାୟୀ, ମଣ୍ଟୁରୋଭ ତାଙ୍କ ଗସ୍ତ କାଳରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଏକ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହା ବ୍ୟତୀତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ବାଣିଜ୍ୟିକ କାରବାର ବୃଦ୍ଧି ଉପରେ ଆଲୋଚନା ହେବ । ଜାତୀୟ ସୁରକ୍ଷା ପରାମର୍ଶଦାତା (ଘଝଇ) ଅଜିତ ଡୋଭାଲଙ୍କ ସହ ରଣନୈତିକ ଓ ପ୍ରତିରକ୍ଷା ସମ୍ପର୍କିତ ସମୀକ୍ଷା କରାଯିବ । ଏହି ଗସ୍ତର ଠିକ୍ ପୂର୍ବରୁ ଭାରତରେ ଅବସ୍ଥାପିତ ରୁଷ୍ ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଆନ୍ତର୍ଜାତୀୟ ରାଜନୀତିରେ ଆମେରିକାର କୌଣସି ପ୍ରକାରର ଚାପକୁ ରୁଷ୍ ଗ୍ରହଣ କରେନାହିଁ । ଭାରତ ନିଜର ସ୍ୱାଧୀନ ବୈଦେଶିକ ନୀତି ଉପରେ କାଏମ ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଆମେରିକା ଭାରତୀୟ ବଜାରରେ ରୁଷ ପାଇଁ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରୁଛି । ବିଶେଷ କରି ତୈଳ ଆମଦାନୀ କ୍ଷେତ୍ରରେ ଭାରତ ଉପରେ ଚାପ ପକାଯାଉଛି, କିନ୍ତୁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରି ନିଜ ହିତରେ ନିଷ୍ପତ୍ତି ନେଉଛି । ବୋଲି ରୁଷ ରାଷ୍ଟ୍ରଦୂତ ଡେନିସ ଅଲିପୋଭ କହିଛନ୍ତି । ଶକ୍ତି କ୍ଷେତ୍ରରେ ବିଶେଷ କରି ଅଶୋଧିତ ତୈଳ ଆମଦାନୀ କ୍ଷେତ୍ରରେ ଭାରତ ଓ ରୁଷର ସମ୍ପର୍କ ନୂଆ ଉଚ୍ଚତା ଛୁଇଁଛି । ଆଗାମୀ ଦିନରେ ବାଣିଜ୍ୟ, ବିଜ୍ଞାନ, ବୈଷୟିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପାଇଁ ଏହି ବୈଠକଗୁଡ଼ିକ ଅତ୍ୟନ୍ତ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ।

# ହର୍ମୁଜ ବନ୍ଦ ଭିତରେ ଇରାନ ପକ୍ଷରୁ ଭାରତକୁ ଆଶ୍ୱାସନ

ତେହେରାନ,୨/୪: ଇରାନ ଓ ଆମେରିକା ଯୁଦ୍ଧ ଭିତରେ ତୈଳ ପରିବହନର ଏକ ମୁଖ୍ୟ ମାର୍ଗ ହର୍ମୁଜ ପ୍ରଣାଳୀ ବନ୍ଦ ଥିବାବେଳେ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶକ୍ତି ସଙ୍କଟ ଦେଖାଯାଇଛି। ତେବେ ହର୍ମୁଜ ବନ୍ଦ ନେଇ ବନ୍ଧୁ ରାଷ୍ଟ୍ର ଭାରତକୁ ଚିନ୍ତା କରିବାର ନାହିଁ ବୋଲି ଇରାନ କହିଛି। ଭାରତ ଓ ସାଉଦି ଆରବରେ ଥିବା ଇରାନ ଦୂତାବାସ ପକ୍ଷରୁ 'ଏକ୍ସ'ରେ ଏକ ବାର୍ତ୍ତାରେ ତେହେରାନ କହିଛି ଯେ, ଆମର ଭାରତୀୟ ବନ୍ଧୁମାନେ ସୁରକ୍ଷିତ ହାତରେ ଅଛନ୍ତି, ଚିନ୍ତା କରିବାର କୌଣସି କାରଣ ନାହିଁ। ଫେବ୍ରୁଆରିରେ ଯୁଦ୍ଧ ଆରମ୍ଭ ପରଠାରୁ ହର୍ମୁଜ ପ୍ରଣାଳୀ ଇରାନ ବନ୍ଦ ରଖିଛି। ତେବେ ଭାରତ, ଚୀନ, ରୁଷ୍ , ଇରାକ ଓ ପାକିସ୍ତାନ ଜାହାଜକୁ ହର୍ମୁଜ ଦେଇ ଇରାନ ଛାଡୁଛି। କେବଳ ଇରାନ ଓ ଓମାନ ହର୍ମୁଜର ଭବିଷ୍ୟତ ସ୍ଥିର କରିବେ ବୋଲି ଇରାନ ଦୂତାବାସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଇରାନ ସେନାର ପ୍ରମୁଖ ମେଜର ଜେନେରାଲ ଅମିର ହତାମି କହିଛନ୍ତି, ଯଦି ଶତ୍ରୁପକ୍ଷ ସ୍ଥଳ ଯୁଦ୍ଧ ଆରମ୍ଭ କରେ ଜଣେ ବି ଏଠାରୁ ବର୍ଞ୍ଚିକି ଯିବା ସମ୍ଭବ ନୁହେଁ।



# ଇଣ୍ଡୋନେସିଆରେ ଭୂକମ୍ପ ଝଟକା, ରିକ୍ଟର ସ୍କେଲରେ ତୀବ୍ରତା ୭.୪ ରେକର୍ଡ

ନୂଆଦିଲ୍ଲୀ,୨/୪: ଭୂକମ୍ପ ଝଟକାରେ ଥରିଲା ଇଣ୍ଡୋନେସିଆ। ଗୁରୁବାର ସକାଳେ ଇଣ୍ଡୋନେସିଆର ଟେର୍ନେଟ ନିକଟରେ ଭୂକମ୍ପ ଝଟକା ଅନୁଭୂତ ହେଉଛି। ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୭.୪ ରେକର୍ଡ କରାଯାଇଛି। ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନଥିବା ବେଳେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୁନାମି ଚେତାବନୀ ଜାରି କରାଯାଇଛି । ଯାହାକୁ ନେଇ ଭୟଭୀତ ସ୍ଥାନୀୟ ବାସିନ୍ଦା । ଏଏଫପି ରିପୋର୍ଟ ଅନୁସାରେ, ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ବା ୟୁଏସଜିଏସ କହିଛି ଗୁରୁବାର ସକାଳେ ପୂର୍ବ ଇଣ୍ଡୋନେସିଆର ସମୁଦ୍ରରେ ୭.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଆମେରିକୀୟ ପର୍ଯ୍ୟବେକ୍ଷଣ କେନ୍ଦ୍ର ଭୂମିକମ୍ପର କେନ୍ଦ୍ରଠାରୁ ୧ ହଜାର କିଲୋମିଟର ପରିଧି ମଧ୍ୟରେ ବିପଦପୂର୍ଣ୍ଣ ସୁନାମି ଲହରୀ ଆସିବାର ସତର୍କତା ଜାରି କରିଛି । ଟଝଏଝ ଅନୁଯାୟୀ, ଭୂମିକମ୍ପଟି ସ୍ଥାନୀୟ ସମୟ ସକାଳ ୬ଟା ୪୮ ସମୟରେ ଟର୍ନେଟର ଛୋଟ ଦ୍ୱୀପ ନିକଟରେ ମୋଲୁକା ସାଗରରେ ୩୫ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା। ଉତର ସୁଲାୱେସି ପ୍ରଦେଶର ମାନାଡୋ ସହରରେ ଜଣେ ଏଏଫପି ସାମ୍ବାଦିକ କହିଛନ୍ତି,

# ୬ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମ୍ପ୍ରସାରଣ

ଭୁବନେଶ୍ୱର,୨/୪(ନି/ପ୍ର): ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଯାତ୍ରା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ୬ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମ୍ପ୍ରସାରଣ କରିବାକୁ ନିଷ୍ପତି ହୋଇଛି। ଭୁବନେଶ୍ୱର– ଯଶବନ୍ତପୁର ସ୍ପେଶାଲ ୨୦୨୬ ଜୁନ ୨୭ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯଶବନ୍ତପୁର–ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଜୁନ୍ ୨୯ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମ୍ବଲପୁର–ଇରୋଡ୍ ସ୍ୱତନ୍ତ୍ର ଟ୍ରେନ ମେ' ୨୭ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଇରୋଡ–ସମ୍ବଲପୁର ଟ୍ରେନ୍ ମେ' ୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଶାଖାପାଟଣା– ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶାଲିମାର–ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍ ଜୁନ ୩୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।



# ଆର୍ଟେମିସ୍ -୨ର ସଫଳ ଉତକ୍ଷେପଣ



ଓ୍ୱାଶିଂଟନ,୨/୪: ଆମେରିକୀୟ ମହାକାଶ ସଂସ୍ଥା ନାସା ଗୁରୁବାର ଏହାର ଚନ୍ଦ୍ର ଅଭିଯାନ ଆର୍ଟେମିସ୍ -୨କୁ ସଫଳତାର ସହ ଉତକ୍ଷେପଣ କରିଛି। ଭୋର ୪:୦୫ରେ ଫ୍ଲୋରିଡାର କେନେଡି ସ୍ପେସ୍ ସେଟଂରରୁ ଓରିଅନ୍ ମହାକାଶଯ୍ୟାନକୁ ଚନ୍ଦ୍ର ଅଭିମୁଖେ ପଠାଯାଇଥିଲା, ଯାହାକୁ ସ୍ପେସ୍ ଲଚଂ ସିଷ୍ଟମ୍ ଦ୍ୱାରା ଚାଳିତ କରାଯାଇଥିଲା। ଚାରି ଜଣ ମହାକାଶଚାରୀ ଏହି ମିଶନର ଅଂଶ ଭାବରେ ମହାକାଶକୁ ଯାତ୍ରା କରିଛନ୍ତି ଏବଂ ୧୦ ଦିନ ଧରି ଚନ୍ଦ୍ର ପରିକ୍ରମା କରିବା ପରେ ଫେରିବାର କାର୍ଯ୍ୟକ୍ରମ ରହିଛି। ସୂଚନାନୁଯାୟୀ, ୧୯୭୨ ମସିହାରେ ଆପୋଲୋ ୧୭ ମିଶନର ୫୪ ବର୍ଷ ପରେ ମଣିଷ ପୁଣି ଥରେ ଚନ୍ଦ୍ରକୁ ଯାତ୍ରା ଆରମ୍ଭ କରିଛି। ୧୯୭୨ ଚନ୍ଦ୍ର ମିଶନ ପରେ ପ୍ରଥମ ଥର ପାଇଁ ମଣିଷ ଚନ୍ଦ୍ର ନିକଟକୁ ଯିବା ପାଇଁ ଲୋ ଆର୍ଥ ଅର୍ବିଟ୍ ଅତିକ୍ରମ କରିବ। ଓରିଅନ୍ ମହାକାଶଯ୍ୟାନ ପୃଥିବୀକୁ ଫେରିବା ପୂର୍ବରୁ ପରୀକ୍ଷଣ ପାଇଁ ଚନ୍ଦ୍ରକୁ ପରିକ୍ରମା କରିବା ପାଇଁ ୧୦ ଦିନ ବିତାଇବ। ଏହି ମିଶନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଓରିଅନ୍ ମହାକାଶଯ୍ୟାନକୁ ପରୀକ୍ଷା କରିବା – ଯାହା ଭବିଷ୍ୟତରେ ମଙ୍ଗଳ ଏବଂ ଆର୍ଟେମିସ୍ -୩ ମିଶନରେ ବ୍ୟବହାର ପାଇଁ ସ୍ଥିର କରାଯାଇଛି

# ଆମେରିକା ଲୋକଙ୍କ ପାଇଁ ଖୋଲା ଚିଠି ଲେଖିଲେ ଇରାନ ରାଷ୍ଟ୍ରପତି



ତେହେରାନ,୨/୪: ମଧ୍ୟପ୍ରାଚ୍ୟ ବିବାଦ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ରଖିବାର କିଛି ଘଣ୍ଟା ପୂର୍ବରୁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆମେରିକା ଲୋକମାନଙ୍କ ଉଦ୍ଦେଶ୍ୟରେ ଏକ ଖୋଲା ଚିଠି ଜାରି କରିଛନ୍ତି। ଚିଠିରେ ସେ ବିଶ୍ୱରେ ତେହେରାନକୁ ପ୍ରାୟତଃ କିପରି ଚିତ୍ରିତ କରାଯାଉଛି, କିନ୍ତୁ ବାସ୍ତବତା କ'ଣ ତାହା ଉପରେ ଲେଖଛନ୍ତି। ଏହି ବାର୍ତ୍ତାରେ ସେ ଇରାନ ଅନ୍ୟ ଦେଶ ପାଇଁ ବିପଦ ବୋଲି ଯେଉଁ ଧାରଣା ସୃଷ୍ଟି କରାଯାଉଛି ତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପେଜେସ୍କିଆନ ଯୁକ୍ତି ଦେଇଥିଲେ ଯେ, ଏପରି ଦାବି ଐତିହାସିକ ବାସ୍ତବତା ସହିତ ମେଳ ଖାଉନାହିଁ। ସେ ଇରାନକୁ ବିଶ୍ୱର ସବୁଠାରୁ ପୁରୁଣା ନିରନ୍ତର ସଭ୍ୟତା ମଧ୍ୟରୁ ଗୋଟିଏ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ତାଙ୍କ ଦେଶ ଆଧୁନିକ ଇତିହାସରେ ଆକ୍ରମଣ କିମ୍ବା ବିସ୍ତାର ଅନୁସରଣ କରିନାହିଁ, ବରଂ ଯେବେ ଆକ୍ରମଣ ହୋଇଛି ନିଜର ପ୍ରତିରକ୍ଷା କରିଛି। ଇରାନ ରାଷ୍ଟ୍ରପତି କହିଛନ୍ତି, ତାଙ୍କ ଦେଶ ଓ୍ୱାସିଂଟନ ଉପରେ ବିଶ୍ୱାସ ନକରିବା ନେଇ ଅନେକ କାରଣ ରହିଛି। ଏଥିରେ ବିଦେଶୀ ହସ୍ତକ୍ଷେପ ଏବଂ ଅମାନବୀୟ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ।

# ଟ୍ରମ୍ପଙ୍କ ଶେଷ ଚେତାବନୀ ପରେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ଇରାନ

## ମଧ୍ୟପ୍ରାଚ୍ୟରେ ଉତେଜନା ବୃଦ୍ଧି



ତେହେରାନ,୨/୪: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଜୋରଦାର ହୋଇଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଚେତାବନୀ ପରେ ପରେ ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି, ଯାହା ଏହି ଅଂଚଳରେ ଉତେଜନାକୁ ଆହୁରି ବୃଦ୍ଧି କରିଛି। ଗୁରୁବାର ଦିନ ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଟ୍ରମ୍ପ ଜାତି ଉଦ୍ଦେଶ୍ୟରେ ତାଙ୍କ ଭାଷଣରେ ଇରାନକୁ ତୁରନ୍ତ ଆପୋଷ ବୁଝାମଣା କରିବାକୁ ଏବଂ ଯୁଦ୍ଧ ରୋକିବାକୁ ଚେତାବନୀ ଦେବାର କିଛି ଦିନ ପରେ ଏହି ଆକ୍ରମଣ ହୋଇଛି। ଇସ୍ରାଏଲୀ ସେନା କହିଛି ଯେ, ଆମେ ଇରାନ ପକ୍ଷରୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର ଚିହ୍ନଟ କରି ସେଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଥିଲୁ। ସେନା ଅନୁଯାୟୀ, ତିନି ଘଣ୍ଟା ମଧ୍ୟରେ ତୃତୀୟ ଥର ପାଇଁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଟ୍ରମ୍ପଙ୍କ ଭାଷଣ ଶେଷ ପରେ ଉତ୍ତର ଇସ୍ରାଏଲରେ ବିମାନ ଆକ୍ରମଣ ସାଇରନ୍ ବାଜି ଉଠିଥିଲା। ପ୍ରାରମ୍ଭିକ ରିପୋର୍ଟରେ କୌଣସି ମୃତାହତ କିମ୍ବା ବଡ଼ କ୍ଷତିର ସୂଚନା ମିଳିନାହିଁ।

# ଟ୍ରମ୍ପଙ୍କ ଘୋଷଣା : ଖୁବ୍‌ଶୀଘ୍ର ଇରାନ ଛାଡ଼ିବୁ, ପୁଣି ଫେରିବୁ



ତେହେରାନ,୨/୪: ମଧ୍ୟପ୍ରାଚ୍ୟର ଭୂ-ରାଜନୈତିକ ସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧର ୩୩ତମ ଦିବସରେ ଇରାନର ପୂର୍ଣ୍ଣ ନିୟନ୍ତ୍ରଣ ଏହାର ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ କର୍ପସ (ଆଇଆରଜିସି) ହାତକୁ ଯାଇଛି। ଆଜିଠାରୁ ସେନା ପ୍ରତ୍ୟକ୍ଷ ଶାସନ କ୍ଷମତା ହାସଲ କରିବା ସହ ଏହି ଇସ୍‌ଲାମିକ ରାଷ୍ଟ୍ର ସାମରିକ ଶାସନ ଅଧୀନରେ ରହିବ। ଏଭଳି ସ୍ଥିତିରେ କୂଟନୈତିକ ରାସ୍ତା ଏବେ ସଂପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଆମେରିକା ଏବଂ ଇସ୍ରାଏଲ ସେନା ଇରାନର ଶିଳ୍ପ ଭିତିଭୂମିକୁ ଧ୍ୱଂସ କରୁଥିବା ବେଳେ ଏହି ଆଭ୍ୟନ୍ତରୀଣ କ୍ଷମତା ଦଖଲ ଇରାନକୁ ଏକ ନିର୍ଣ୍ଣାୟକ ଲଢ଼େଇରେ ଅବତୀର୍ଣ୍ଣ କରାଇବ। ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ଅବସ୍ଥିତି ସଂପର୍କରେ କୌଣସି ସୂଚନା ପ୍ରକାଶ କରାଯାଉନଥିବା ବେଳେ ବର୍ତ୍ତମାନ ଓ୍ୱାସିଂଟନ ସ୍ଥଳସେନା ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଏଭଳି ସମୟରେ ଇରାନରେ ଏକ ଛାୟା ସରକାରର ଉଦୟ ବିଶ୍ୱ ଗୁଇନ୍ଦା ସଂସ୍ଥାଗୁଡିକୁ ସ୍ତବ୍ଧ କରିଦେଇଛି। ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ, ଯିଏ କି ସରକାର ଚଳାଇବାକୁ ଚେଷ୍ଟା କରୁଥିଲେ, ତାଙ୍କ କ୍ଷମତା ସଙ୍କୁଚିତ କରିଦିଆଯାଇଛି। ସେ କେବଳ ନାମକୁ ମାତ୍ର ରାଷ୍ଟ୍ରପତି ରହିବେ। ତେହେରାନରୁ ମିଳିଥିବା ସୂଚନା ଅନୁଯାୟୀ, ଇସ୍‌ଫାହାନ ଇସ୍ପାତ କାରଖାନା ଉପରେ ହୋଇଥିବା ଆକ୍ରମଣ ପରେ ସାମରିକ ନେତୃତ୍ୱ ଅନୁଭବ କଲା ଯେ ରାଷ୍ଟ୍ରପତିଙ୍କ କାମଚଳା ଶାସନ ଆମେରିକାକୁ ଜବାବ ଦେବାରେ ଅସମର୍ଥ। ସେନାର କ୍ଷମତା ନିୟନ୍ତ୍ରଣ ସହିତ ସର୍ବୋଚ୍ଚ ନେତା ମୋଜତବାଙ୍କ ସ୍ଥିତିକୁ ନେଇ ରହସ୍ୟ ଘନୀଭୂତ ହୋଇଛି। ମାତ୍ର କିଛି ସପ୍ତାହ ପୂର୍ବରୁ ପିତାଙ୍କ ମୃତ୍ୟୁ ପରେ ଶାସନ ଗାଦିରେ ବସିଥିବା ମୋଜତବା ନିଖୋଜ ଅଛନ୍ତି। କେତେକଙ୍କ ମତରେ ସେ ହତ୍ୟା ଭୟରେ ବଙ୍କରରେ ଲୁଚିଛନ୍ତି ତ ଆଉ କେତେକଙ୍କ ମତରେ ସେ ଗୁରୁତର ଅସୁସ୍ଥ ବା କୋମାରେ ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସମୟ ବୁଧବାର ସକାଳ ସାଢ଼େ ୬ଟାରେ ଇରାନ ଯୁଦ୍ଧ ନେଇ ଦେଶକୁ ସମ୍ବୋଧିତ କରିବେ। ଏହା ଉପରେ ପୂରା ବିଶ୍ୱର ନଜର ରହିଥିବା ବେଳେ ଆଜି ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେ ଖୁବ୍‌ଶୀଘ୍ର ଇରାନ ଛାଡ଼ିବୁ ଏବଂ ଆବଶ୍ୟକସ୍ଥଳେ ନିର୍ଦ୍ଧାରିତ ସ୍ଥଳରେ ଆକ୍ରମଣ ପାଇଁ ପୁଣି ଫେରିବୁ। ଇରାନ ଏବେ ଯୁଦ୍ଧବିରତି ଚାହୁଁଛି ଏବଂ ଆମେ ଆମ ରଣନୀତିରେ ପରିବର୍ତ୍ତନ ଆଣିଛୁ। ଇରାନର ଆଣବିକ ଏବଂ କ୍ଷେପଣାସ୍ତ୍ର କ୍ଷମତାକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବା ଆମର ଲକ୍ଷ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଏହି ଘୋଷଣା ପରେ ଇରାନର ଖାର୍ଗ ଦ୍ୱୀପ କିମ୍ବା ଅନ୍ୟାନ୍ୟ ତୈଳ କେନ୍ଦ୍ରଗୁଡ଼ିକୁ ଦଖଲ କରିବା ପାଇଁ ସ୍ଥଳସେନା ଆକ୍ରମଣର ସମ୍ଭାବନା ବହୁତ ବଢ଼ିଯାଇଛି। ଟ୍ରମ୍ପ କହିଛନ୍ତି ଯେ ଇରାନର ସାମରିକ ଶକ୍ତିକୁ ପ୍ରସ୍ତର ଯୁଗରେ ପହଞ୍ଚାଇଦେବା ପାଇଁ ମାତ୍ର ୨୧ ଦିନ ସମୟ ଲାଗିବ। ଏହି ଅବସରରେ ଟ୍ରମ୍ପ ନାଟୋ ସହଯୋଗୀମାନଙ୍କ ଅସହଯୋଗ ନୀତିକୁ ନେଇ ନିରାଶା ବ୍ୟକ୍ତ କରିଛନ୍ତି। ସେମାନଙ୍କ ଆଭିମୁଖ୍ୟ ନେ ?ରାଶ୍ୟଜନକ ଏବଂ ଆମେରିକା ନାଟୋକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ବୟାନକୁ ଚ୍ୟାଲେଞ୍ଜ କରି ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ଇରାନ ୬ ମାସ ପର୍ଯ୍ୟାନ୍ତ ପୂର୍ଣ୍ଣ କ୍ଷମତାର ସହ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ରହିଛି। ଏହି ଆଂଚଳିକ ଯୁଦ୍ଧ ମଧ୍ୟରେ ଭାରତ ଏକ ବଡ଼ ଭୂ-ରାଜନୈତିକ ପଦକ୍ଷେପ ନେଇଛି। ମେ' ୨୦୧୯ ପରେ ପ୍ରଥମ ଥର ପାଇଁ ଭାରତ ପୁଣି ଇରାନରୁ ଅଶୋଧିତ ତୈଳ ଆମଦାନି ଆରମ୍ଭ କରିଛି। ଆମେରିକାର ଏକ ସ୍ୱତନ୍ତ୍ର ରିହାତିର ସୁଯୋଗ ନେଇ ଭାରତ ଏହି ପ୍ରକ୍ରିୟା ଆରମ୍ଭ କରିଛି। ପ୍ରାୟ ୬ ଲକ୍ଷ ବ୍ୟାରେଲ୍ ତୈଳ ବହନ କରୁଥିବା ଏକ ଜାହାଜ ଗୁଜରାଟରେ ପହଞ୍ଚିବ ବୋଲି ଜଣାପଡ଼ିଛି।

# ତିନିମହଲା ଉପରୁ ପଡ଼ି ଯୁବତୀ ମୃତ

କଟକ,୨/୪(ନି/ପ୍ର): ତିନିମହଲା ଉପରୁ ପଡ଼ି ଯୁବତୀ ମୃତ। ଏହି ଘଟଣାଟି ଗତକାଲି ବିଳମ୍ବିତ ରାତିରେ କଟକ ବାଦାମବାଡ଼ି ଅଂଚଳରେ ଘଟିଛି। ଯୁବତୀ ଜଣକ ଫୋନ୍ ରେ କଥା ହେଉଥିବା ବେଳେ ଛାତ ଉପରୁ ତଳକୁ ପଡି ତାଙ୍କର ମୃତ୍ୟୁ ଘଟିଥିବା ନେଇ ସନ୍ଦେହ କରାଯାଉଛି ।ମୃତ ଯୁବତୀ ଙ୍କ ଘର ଜଗତସିଂହପୁର ଅଂଚଳରେ ହୋଇଥିବା ବେଳେ କଟକରେ ବାଦାମ ବାଡ଼ିରେ ଭଡ଼ାରେ ରହୁଥିଲେ ।ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ବାଦାମ ବାଡ଼ି ପୋଲିସ।

# ବିବିଧା

[redacted]

## ଜାଣି ରଖ



## 'ଭୁଲଭୁଲୈୟା' ଠାରୁ ଅଲଗା 'ଭୂତ୍‌ବଙ୍ଗଲା'- ପ୍ରିୟଦର୍ଶନ



## ବର କନିଆଙ୍କ ଏଲଇଡି ପୋଷାକ



## ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ









## ସୁଶ୍ରୀ

## ରେଡିୟମ୍ ପଲିସ୍ ଜୁଏଲାରୀ



## ୱାଟରମେଲନ୍ ରାଇସ୍



## ତ୍ୱଚା ପାଇଁ କାକୁଡ଼ି



ଉତ୍କଳ ସମାଚାର

# ସମ୍ପାଦକୀୟ...

**ଶୁକ୍ରବାର ୩ ଏପ୍ରିଲ ୨୦୨୬**

## ଦ୍ୱେଷଃ ସର୍ବବିନାଶକଃ

୧୯୯୪ ମସିହା, ଏପ୍ରିଲ ମାସ। ରୁଆଣ୍ଡାର କିଗାଲି ସହର। ଲିବ୍ରେ ଡେସ୍ ମିଲ୍ କଲିନ୍ସ ରେଡିଓର ତରଙ୍ଗରେ ଭାସି ଆସିଲା ସଂଖ୍ୟାଗରିଷ୍ଠ ହୁତୁ ସମ୍ପ୍ରଦାୟ ନାଗରିକଙ୍କ ପାଇଁ ବାର୍ତ୍ତା- ତୁତ୍ସିମାନେ 'ଇନୟେଞ୍ଜି', ଅର୍ଥାତ୍ ଅସରପା ଏବଂ 'ସେମାନଙ୍କୁ ଘେରିଯାଇ ମାରିଦିଅ'। ମାନବ ଦାନବ ସାଜିଲା। ପଡ଼ୋଶୀ ଭାବରେ ଦିନେ ଯେଉଁମାନେ ସ୍ନେହ ଓ ମମତାର ଦେବଦୂତ ଥିଲେ, ସେମାନେ ମାରଣାସ୍ତ୍ର ଧରିଲେ। ଯାହା ଆଖିରେ ଦିନେ ପ୍ରୀତିର ଫଲ୍‌ଗୁ ଝରୁଥିଲା, ତା' ଆଖିରେ ଦ୍ୱେଷର ବହ୍ନି ଜଳିଲା। ତୁତ୍ସିମାନଙ୍କ ଘର ଚିହ୍ନିତ ହେଲା। ନାମ ତାଲିକା ପ୍ରସ୍ତୁତ ହେଇ ହାତରୁ ହାତ ବୁଲିଲା। ନିଷ୍ପାପ ଶିଶୁଙ୍କ ମା' କୋଳରୁ ଛଡ଼ାଇନେଇ ମୁଣ୍ଡ ଗଣ୍ଡିରୁ ଅଲଗା କରି ଦିଆଗଲା। ଅସହାୟ ମା' ପାଟିର କରୁଣ ଚିତ୍କାର ପବନରେ ମିଳେଇଗଲା। ଘୃଣାର ରାକ୍ଷସ, ଶହେ ଦିନରେ ଖାଇଗଲା ଆଠ ଲକ୍ଷ ତୁତ୍ସି ଜୀବନ। ବିବର୍ତ୍ତନବାଦର ଜନକ ଚାର୍ଲସ ଡାରୱିନ ଘୃଣାକୁ ଆତ୍ମରକ୍ଷା ଓ ପ୍ରତିଶୋଧର ପ୍ରବୃତ୍ତି ଭାବେ ବ୍ୟାଖ୍ୟା କରିଛନ୍ତି। ଆଧୁନିକ ମନସ୍ତତ୍ତ୍ୱ ବି ଏହି ଅନ୍ତର୍ଦୃଷ୍ଟିକୁ ସମର୍ଥନ କରେ। ବ୍ୟକ୍ତି ପରିଚୟ ଯେତେବେଳେ ସମ୍ଭାବ୍ୟ ଆହ୍ୱାନର ସମ୍ମୁଖୀନ ହୁଏ, ତାହା ମନରେ ଆକ୍ରୋଶ ଉଦ୍ରେକ କରେ। ଘୃଣାର ବଜାର ଏହି ପରିକଳ୍ପିତ ପୀଡ଼ାର ଭିତିଭୂମୀ ଉପରେ ସ୍ଥାପନ କରାଯାଏ। ଜନସାଧାରଣଙ୍କୁ ଭୟଭୀତ କରାଯାଏ ଯେ ସେମାନେ ଜାତିଗତ, ସାମ୍ପ୍ରଦାୟିକ, ଭାଷାଗତ, ଆଂଚଳିକ କିମ୍ବା ଧାର୍ମିକ ଭେଦଭାବ ଓ ଆକ୍ରମଣର ଶିକାର ହେଉଛନ୍ତି। ଏହି ପରିବେଶରେ ରାଜନୈତିକ ଘୃଣା ବାର୍ତ୍ତା ନୈତିକ ଭାଷାର ମୋଡ଼ ଲେଉଟାଇଦେଇ ବିଭାଜନକୁ ସୁରକ୍ଷା, ବିଭେଦକୁ ଦେଶଭକ୍ତି ଓ ହିଂସାକୁ କର୍ତ୍ତବ୍ୟର ସଂଜ୍ଞା ଦିଏ। ଘୃଣା ଭାଷଣର ବାରମ୍ବାର ପ୍ରଚାରପ୍ରସାର ମାନବୀୟ ସହାନୁଭୂତି ଓ ସମ୍ବେଦନଶୀଳତାକୁ ହ୍ରାସ କରେ। ଟେଲିଭିଜନ ବିତର୍କ ଓ ସାମାଜିକ ଗଣମାଧ୍ୟମରେ ଘୃଣା ବାର୍ତ୍ତାର ନିରନ୍ତର ଆଲୋଚନା ସାମ୍ପ୍ରଦାୟିକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଇଥାଏ। ଏହି ପରିବେଶରେ, ଘୃଣା ଓ ଶତ୍ରୁତାକୁ ଆତ୍ମ-ସୁରକ୍ଷା ପାଇଁ ଏକ ନ୍ୟାୟସଙ୍ଗତ ଆୟୁଧ ଭାବରେ ବ୍ୟବହାର କରାଯାଏ। ଘୃଣାର ବିପଣିରେ ଏବେ ଖୁବ୍ ? ଭିଡ଼। ସମଗ୍ର ବିଶ୍ୱରେ ନେତାନ୍ୟାହୁ ଓ ଟ୍ରମ୍ପ ମାନେ ରକ୍ତମୁଖା ସାଜିଛନ୍ତି। ଗାଜା ଭୂଲୁଣ୍ଠିତ, ଲେବାନନ ଜଳୁଛି, ୟୁକ୍ରେନ୍ ଧ୍ୱସ୍ତବିଧ୍ୱସ୍ତ, ଇରାନରେ ଚାଲିଛି ରକ୍ତର ହୋରି ଖେଳ। ଜଳ, ସ୍ଥଳ, ଆକାଶରେ ଘୃଣାର ଜହର। ଏଫ-୩୫ ବିମାନରୁ ବାରୁଦର ବର୍ଷା ହେଉଛି, ବୁଲଡୋଜର ବୁଲୁଛି ମାନବିକତାର ଛାତିରେ। ଲକ୍ଷ ଲକ୍ଷ ଶିଶୁ, ମହିଳା, ବୟସ୍କଙ୍କ ମୁଣ୍ଡ ଗଡୁଛି ଘୃଣାର ସୌଦାଗରଙ୍କ ଅହଙ୍କାରରେ। ଗାନ୍ଧାରୀର କଳାପଟି ବନ୍ଧା ସଭ୍ୟ ସମାଜ ଗଣନା କରୁଛି ଆଜି ଆଉ କେତୋଟି 'ଅସରପା' ନିପାତ ହେଲେ। ଘୃଣାର ଇତିହାସ ମନେ ପକାଏ ହଲୋକୋଷ୍ଟର ଲୋମହର୍ଷଣକାରୀ ଘଟଣାବଳି। ଇହୁଦୀମାନଙ୍କୁ 'କୀଟପତଙ୍ଗ' ଓ ଅସ୍ତିତ୍ୱଗତ ବିପଦ ଭାବରେ ହିଟଲରଙ୍କ ନିରନ୍ତର ଚିତ୍ରଣ, ଷାଠିଏ ଲକ୍ଷ ଇହୁଦୀଙ୍କ ହତ୍ୟାର କାରଣ ସାଜିଛି। ଦକ୍ଷିଣ-ପୂର୍ବ ଇଉରୋପରେ ଜାତିଗତ ସଫେଇ ଏବଂ ଷ୍ଟାଲିନଙ୍କ ଗଣନିର୍ବାସନ ଘଟଣା ଦର୍ଶାଏ, ଦେଶପ୍ରୀତିର ଦ୍ୱାହି ଦେଇ କିପରି ଦାନବ ପ୍ରବୃତ୍ତିର ପ୍ରଶଂସା ଓ ପ୍ରଚଳନ ସାମାଜିକ ମାନଦଣ୍ଡକୁ ପରିବର୍ତ୍ତନ କରି ହିଂସାକୁ ବୈଧତା ଦେଇଥାଏ। ଶାନ୍ତି, ମୈତ୍ରୀ ଓ ପ୍ରୀତିର ତପୋଭୂମି ଭାରତବର୍ଷ ବର୍ତ୍ତମାନ ହିଂସା, ଦ୍ୱେଷ ଓ ଅସହିଷ୍ଣୁତାର ଚାରଣଭୂମି ପାଲଟିଛି। ସତ୍ୟର ଅର୍ଥ ଦେଶଦ୍ରୋହ ଏବଂ ଧର୍ମ ନିରପେକ୍ଷତାକୁ ହିନ୍ଦୁ ଧର୍ମର ବିରୁଦ୍ଧାଚରଣ ଭାବେ ଗଣନା କରାଯାଉଛି। ସାର୍ବଜନୀନ ଚର୍ଚ୍ଚାରେ ହେଉ ଅବା ଗଣମାଧ୍ୟମର ବିତର୍କରେ, ସମସ୍ୟା ବଦଳରେ ଷଡ଼ଯନ୍ତ୍ର ତତ୍ତ୍ୱର ଚର୍ଚ୍ଚା ଅଧିକା ହେଉଛି। 'ହିନ୍ଦୁ ବିପଦରେ', 'ଦେଶ ବିପଦରେ' ଥିବାର ଚିନ୍ତାଧାରା ଘୃଣାର ବଜାରକୁ ସରଗରମ କରି ରଖିଛି। ଘୃଣାର ବିତରଣ କେବଳ ଯେ ସର୍ବଧର୍ମ ସମନ୍ୱୟର ଭାବନା, ଏକତା ଓ ଭ୍ରାତୃଭାବର ପରିବେଶକୁ ନଷ୍ଟ କରୁଛି ତାହା ନୁହେଁ, ଦେଶର ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦର କାରଣ ସାଜିଛି। ସୋସିଆଲ ମିଡିଆ ସାମାଜିକ ବିଭାଜନ, ବିଭେଦ ଓ ଦୂରତାକୁ ତ୍ୱରାନ୍ୱିତ କରିଛି। ଉତ୍ତର-ପୂର୍ବର ସର୍ବବୃହତ୍ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସୋସିଆଲ୍ ମିଡିଆ ପୃଷ୍ଠାରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ପ୍ରତୀକାତ୍ମକ ଭାବରେ ଗୁଳି ମାରୁଥିବାର ଭିଡିଓ ପୋଷ୍ଟ ଏବଂ ୨୦୨୦ ମସିହାରେ ଦିଲ୍ଲୀରେ ଏକ ପ୍ରମୁଖ ରାଜନୈତିକ ଦଳର ରାଲିରେ ଦିଆଯାଇଥିବା "ଦେଶ କେ ଗଦ୍ଦାରୋଁ କୋ, ଗୋଲି ମାରୋ..."ର ନାରା ଆମ ଦେଶରେ ଘୃଣାର ପରିବେଶର ନିଛକ୍ ପ୍ରତିଫଳନ। ସମାଜରେ ଅତି ଆଧୁନିକ ଶୈଳୀରେ ଘୃଣାର ବେପାର ଚାଲିଛି। ଗଣଯୋଗାଯୋଗ ଓ ଆଲଗୋରିଦମ-ଚାଳିତ ପ୍ରଚାରପ୍ରସାରର ଯୁଗରେ ଘୃଣାକୁ ଏକ ଲାଭଦାୟକ ରାଜନୈତିକ ଦ୍ରବ୍ୟ ଭାବରେ ପ୍ୟାକେଜ କରାଯାଇଛି। ପୂର୍ବରୁ ଯାହା ସାମୟିକ ଆବେଗଜନିତ ମାନସିକ ପ୍ରତିକ୍ରିୟା ଥିଲା ତାହାକୁ ଏବେ ରାଜନୈତିକ ରଣନୀତିର ପ୍ରମୁଖ ଅସ୍ତ୍ର ଭାବରେ ବ୍ରାଣ୍ଡିଂ କରି ବିତରଣ କରାଯାଉଛି। ଘୃଣାପୂର୍ଣ୍ଣ ଭାଷଣ ଉପରେ ନଜର ରଖୁଥିବା ସଂଗଠନଗୁଡ଼ିକ ୨୦୨୫ ମସିହାରେ ୧୩୧୮ଟି 'ହେଟ୍ ସ୍ପିଚ୍' ବା ଘୃଣା-ଭାଷଣ ଘଟଣା ସଂକଳିତ କରିଛନ୍ତି, ଯାହା ଦେଶରେ ଏଭଳି ଘଟଣାର ତୀବ୍ର ବୃଦ୍ଧିକୁ ସୂଚିତ କରେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରି ଏହି ଘଟଣାସବୁ ଭ୍ରାତୃତ୍ୱ ଓ ସାମ୍ବିଧାନିକ ନୈତିକତାର ପ୍ରତିଶ୍ରୁତି ପ୍ରତି ଏକ ଢା ଁଗତ ବିପଦ ଭାବେ ବର୍ଣ୍ଣନା କରିଛନ୍ତି। ଅସ୍ଥିମଜ୍ଜାଗତ ହୋଇସାରିଥିବା ଘୃଣାର ଭାବନାକୁ ଚେତନାରୁ ମୁକ୍ତ କରିବା ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆହ୍ୱାନ। ହଲୋକୋଷ୍ଟ ଫେରନ୍ତା ଏଲି ୱିସେଲ ମତ ଦିଅନ୍ତି, 'ପ୍ରଶ୍ନ ଯାହା ହେଉ ନା କାହିଁକି, ଘୃଣା କେବେ ବି ଉତ୍ତର ନୁହେଁ।' ଘୃଣାର ବଜାର ବନ୍ଦ କରିବାର ମାର୍ଗ ପ୍ରତିବାଦ ଓ ପ୍ରତିରୋଧରେ ହିଁ ନିହିତ। ଜନସାଧାରଣଙ୍କ କ୍ରୋଧ, ଘୃଣାର ସୌଦାଗରମାନଙ୍କ ଆଡ଼କୁ ନିର୍ଦ୍ଦେଶିତ ହେବା ଉଚିତ। ସନାତନ ଧର୍ମ କହେ, "ଦ୍ୱେଷଃ ସର୍ବବିନାଶକଃ ?" ଘୃଣା ସମସ୍ତ ଗଣ୍ଡଗୋଳର ମୂଳ କାରଣ ଏବଂ ଏକ ମହା ବିନାଶକ ଶକ୍ତି। ତେଣୁ ଘୃଣାର ମୂଳୋତ୍ପାଟନ ହିଁ ବିଶ୍ୱ ଶାନ୍ତି ଓ ମହାମାନବିକତାର ପୁନଃପ୍ରତିଷ୍ଠାର ମହାମନ୍ତ୍ର। ଚାଲନ୍ତୁ ଘୃଣାକୁ ଘୃଣା କରିବା।

## ଛାୟାଲୋକର ପ୍ରହରୀ

ଦେଶର ସ୍ୱାର୍ଥ ଲାଗି ଏମାନେ ହୁଅନ୍ତି ଛାୟାଲୋକରେ ଆତଯାତ ହେଉଥିବା ସେହି ଅତନ୍ଦ୍ର ପ୍ରହରୀ, ଯେଉଁମାନେ ଧରା ପଡ଼ିଗଲେ ଦେଶ ଦ୍ୱାରା ସମୂଳ ପରିତ୍ୟାଜ୍ୟ ହୋଇଯାଆନ୍ତି ଏବଂ ଧରା ନ ପଡ଼ିବା ପର୍ଯ୍ୟନ୍ତ ଧୁରନ୍ଧରରେ ଜମିଲ ଜମାଲି ଓ ହମଜା ଅଲୀ ମଜାରିଙ୍କ ଭଳି ଏକମନସ୍କ ଭାବେ ଉଦ୍ଦେଶ୍ୟ ସାଧନରେ ବ୍ରତୀ ରହନ୍ତି। ସମଗ୍ର ଭାରତରେ ଚହଳ ସୃଷ୍ଟି କରିଥିବା ଚଳଚ୍ଚିତ୍ର 'ଧୁରନ୍ଧର-୨'ର କାହାଣୀରେ ଯାହା ଦର୍ଶକମାନଙ୍କୁ ଆଲୋଡ଼ିତ ଓ ଆହ୍ଲାଦିତ କରିଛି, ତାହା ହେଲା ଦୁଇ ଜଣ ଭାରତୀୟ ଗୁପ୍ତଚରଙ୍କ ଭୂମିକା, ଯେଉଁମାନେ ଅତ୍ୟନ୍ତ କୌଶଳର ସହିତ ପାକିସ୍ତାନର ଅସ୍ଥିମଜ୍ଜା ମଧ୍ୟକୁ ପ୍ରବେଶ କରି ସେଠାରେ ଚାଲିଥିବା କେତେକ ଭାରତ ବିରୋଧୀ କାର୍ଯ୍ୟ ଏବଂ ଆତଙ୍କବାଦୀ ନେଟୱାର୍କର ଅନ୍ତ ଘଟାଇଛନ୍ତି। ପ୍ରକାଶ ଥାଉ କି ସିନେମାର କାହାଣୀରେ କେତେକ ବାସ୍ତବ ଚରିତ୍ରଙ୍କ ଉପସ୍ଥିତି ଥିଲେ ହେଁ ଏହା କାଳ୍ପନିକ ଏବଂ ସେହି ଦୃଷ୍ଟିରୁ ଅନେକ ସଂଶୟବାଦୀଙ୍କ ମତରେ ଗୁପ୍ତଚର ଦ୍ୱୟଙ୍କ ଚରିତ୍ରକୁ ଅଯଥା ନାଟକୀୟ ଢଙ୍ଗରେ ପରିବେଷଣ କରାଯାଇଛି, ଯାହା ସାଧାରଣତଃ ମନୋରଂଜନଧର୍ମୀ ଭାରତୀୟ ଚଳଚ୍ଚିତ୍ରଗୁଡ଼ିକର ଉପଜୀବ୍ୟ ହୋଇଥାଏ। ଏବଂ ଏଭଳି ସଂଶୟର କାରଣ ହେଲା ଦେଶ ସମ୍ମୁଖୀନ ହୋଇଥିବା କତିପୟ ଦାରୁଣ ଅଘଟଣ ପରିପ୍ରେକ୍ଷୀରେ ଭାରତୀୟ ଗୁଇନ୍ଦା ସାମର୍ଥ୍ୟର ଦୁର୍ବଳତାକୁ ଦାୟୀ କରାଯାଇଥାଏ। ଏଭଳି ସ୍ଥଳେ ଭାରତର ପ୍ରମୁଖ ଗୁଇନ୍ଦା ଅନୁଷ୍ଠାନ 'ରିସର୍ଚ୍ଚ ଏଣ୍ଡ ଆନାଲିସିସ ୱିଙ୍ଗ' ବା ସଂକ୍ଷେପରେ 'ଆର.ଏ.ଡବ୍ଲ୍ୟୁ.' ବା 'ର' ଏବଂ ତା'ର ଏଜେଂଟମାନଙ୍କୁ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ୧୯୬୮ ମସିହାରେ, ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ, 'ର'ର ସୃଷ୍ଟି ହୋଇଥିଲେ ହେଁ ଏହି ଅନୁଷ୍ଠାନର ନାଭିନାଡ଼ ଲମ୍ବିଛି ବ୍ରିଟିସ ଶାସନ କାଳୀନ 'ଠଗି ଏଣ୍ଡ ଡକାୟତି ଡିପାର୍ଟମେଂଟ'କୁ, ଯାହା ଗଢ଼ାଯିବା ପଛରେ ଉଦ୍ଦେଶ୍ୟ ଥିଲା ତତ୍କାଳୀନ ଜବଲପୁରରେ ଚାଲିଥିବା ଠଗ ଉତ୍ପାତକୁ ଦମନ କରିବା। ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାଚୀନ ଭାରତୀୟ ଗୁପ୍ତଚରୀ ପଦ୍ଧତିକୁ ଅନୁସରଣ କରି ଭେଦିଆ ରୂପେ ଠଗ ଓ ଡକାୟତଙ୍କ ଦଳରେ ପ୍ରବେଶ କରୁଥିଲେ ଏବଂ ବ୍ରିଟିସ ପ୍ରଶାସନକୁ ଗୁପ୍ତ ସୂଚନାମାନ ପ୍ରଦାନ କରି ଅଚିରେ ଠଗ ମୂଳୋତ୍ପାଟନକୁ ସମ୍ଭବ କରାଇଥିଲେ। ପରବର୍ତ୍ତୀ କାଳରେ ଏହି ବିଭାଗର ନାମ ବଦଳି ହୋଇଥିଲା 'ସେଣ୍ଟ୍ରାଂଲ ସ୍ପେସାଲ ବ୍ୟୁରୋ' ବା 'ସି.ଏସ.ବି.', ଯାହା ସ୍ୱାଧୀନତା ଆନ୍ଦୋଳନ ସମୟରେ ସତ୍ୟାଗ୍ରହୀମାନଙ୍କ ଯୋଜନାକୁ ଭଣ୍ଡୁର କରିବା ଲକ୍ଷ୍ୟରେ ନିୟୋଜିତ ହୋଇଥିଲା। ଦେଶ ସ୍ୱାଧୀନତା ବେଳକୁ ଏହା ଦ୍ୱିଭାଜିତ ହୋଇ ପରିଣତ ହୋଇସାରିଥିଲା 'ଇଣ୍ଟେଲିଜେନ୍ସ ବ୍ୟୁରୋ' ବା 'ଆଇ.ବି.' ଏବଂ 'ମିଲିଟାରି ଇଣ୍ଟେଲିଜେନ୍ସ' ବା 'ଏମ.ଆଇ.'ରେ। ସ୍ୱାଧୀନତା ପରେ 'ଆଇ.ବି.' ଭାରତ ପକ୍ଷକୁ ଆସିଥିବା ବେଳେ 'ଏମ.ଆଇ.' ଯାଇଥିଲା ପାକିସ୍ତାନ ନିକଟକୁ। ତେବେ, 'ଆଇ.ବି.' ଯେ ବିଶେଷ ସାମର୍ଥ୍ୟ ହାସଲ କରିବାରେ ବିଫଳ ହୋଇଥିଲା, ତାହାର ପ୍ରମାଣ ମିଳିଥିଲା ୧୯୬୨ ଓ ୧୯୬୫ ମସିହାରେ ଯଥାକ୍ରମେ ଚୀନ ଓ ପାକିସ୍ତାନ ପକ୍ଷରୁ ସଂଘଟିତ ଆକ୍ରମଣ ପରିପ୍ରେକ୍ଷୀରେ, କାରଣ ଏ ଦୁଇଟି ଘଟଣା ସଂକ୍ରାନ୍ତ ସାମାନ୍ୟତମ ପ୍ରାକ୍ ସୂଚନା ମଧ୍ୟ ଭାରତ ନିକଟରେ ପହଚିଂ ନ ଥିଲା, ନଚେତ, ଅନେକ ସମର ବିଶାରଦଙ୍କ ମତରେ, ଚୀନ ସହିତ ସଂଘର୍ଷର ରୂପରେଖ ଭିନ୍ନ ପ୍ରକାରେ ହୋଇଥାଆନ୍ତା। ଚୀନ ସହିତ ଯୁଦ୍ଧରେ ଭାରତୀୟ ଯୁଦ୍ଧ ବିମାନର ଉପଯୋଗ ସମ୍ଭବ ଥିଲେ ସୁଦ୍ଧା ଏହି ଆଶଙ୍କାରେ ତା'ର ବ୍ୟବହାର କରାଯାଇ ନ ଥିଲା ଯେ ଚୀନର ପାଲଟା ବିମାନ ଆକ୍ରମଣ ଅସହନୀୟ କ୍ଷତି ପହ ଁାଇବ। କିନ୍ତୁ, ସେହି ସମୟରେ ଯୁଦ୍ଧ ବିମାନ ଉପଯୋଗ କରିବାର କୌଣସି ପ୍ରସ୍ତୁତି ଯେ ଚୀନ ଠାରେ ନ ଥିଲା, ସେ ନେଇ ସାମାନ୍ୟତମ ସୂଚନା 'ଆଇ.ବି.' ପାଖରେ ମଧ୍ୟ ନ ଥିଲା। ଏହି କାରଣରୁ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ 'ର'ର ଗଠନ (୧୯୬୮) କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ଦେଶ ବାହାରେ ଭାରତ ବିରୋଧୀ କାର୍ଯ୍ୟକଳାପ ଉପରେ ସତର୍କ ଓ ସାନ୍ଦ୍ର ଦୃଷ୍ଟି ରଖିବା ! ଏହି କ୍ରମରେ 'ଆଇ.ବି.'ର କାର୍ଯ୍ୟ ପରିସର କେବଳ ଆଭ୍ୟନ୍ତରୀଣ ଗୁଇନ୍ଦା ଗତିବିଧିକୁ ସୀମିତ ହୋଇଗଲା। 'ର'ର ପ୍ରଥମ ମୁଖ୍ୟ ଥିଲେ କିଂବଦନ୍ତୀୟ ଆର.ଏନ. କାଓ, ଯାହାଙ୍କ ମାର୍ଫତରେ 'ର'କୁ ଈର୍ଷଣୀୟ ଦକ୍ଷତା ମିଳିଥିଲା; ଯାହାର ଇତିବୃତ୍ତ ଯେ କୌଣସି ରହସ୍ୟ ରୋମାଂଚଭରା ଉପନ୍ୟାସ ଭଳି ଚୁମ୍ବକୀୟ ଭାବେ ଚିତାକର୍ଷକ। ପ୍ରକାଶ ଥାଉ କି ଆର.ଏନ. କାଓଙ୍କ ତତ୍ତ୍ୱାବଧାନରେ ଭାରତର ବିଭିନ୍ନ ବୈଦେଶିକ ଦୂତାବାସରେ 'ର'ର କର୍ମଚାରୀମାନେ ଅବସ୍ଥାପିତ ହୋଇ ସୁଦୃଢ଼ ଗୁଇନ୍ଦା ନେଟୱାର୍କ ତିଆରି କରିବାରେ ବ୍ୟାପୃତ ହୋଇଥିଲେ, ଯାହାର ଅନେକ ସୁଫଳ ଭାରତ ପାଇଛି। ଯହିଁରୁ ଉଲ୍ଲେଖନୀୟ ହେଲା, ଶହେ ପଚାଶଟି ହିମ-ସହିଷ୍ଣୁ ବିଶେଷ ଧରଣର ପୋଷାକ କ୍ରୟ ଲାଗି ପାକିସ୍ତାନ ଦ୍ୱାରା ପ୍ରଦତ୍ତ ଅର୍ଡର ସଂକ୍ରାନ୍ତ ଗୁପ୍ତ ସୂଚନା 'ର' ଠାରୁ ପାଇବା ପରେ ଭାରତ ସରକାର ସଜାଗ ହୋଇ ତିନି ଶହ ଭାରତୀୟ ସୈନିକଙ୍କୁ ସିଆଚେନ ଅଚଂଳକୁ ପଠାଇ ଆପଣା ଦଖଲକୁ ଆଣିଥିଲେ, ଯଦ୍ୱାରା ସିଆଚେନ ଅକ୍ତିଆର କରିବାର ପାକିସ୍ତାନୀ ଅଭିସନ୍ଧି ପଣ୍ଡ ହୋଇଥିଲା ଏବଂ ବିଶେଷ ରଣନୈତିକ ଶାଣ ଲାଭ କରିବାରୁ ପାକିସ୍ତାନ ବଚିଂତ ହୋଇଥିଲା। ସେହିଭଳି ଏକ ବ୍ୟାଖ୍ୟାନ ଅନୁସାରେ ୧୯୭୧ ମସିହା, ଜାନୁଆରି ୩୦ରେ ଘଟିଥିବା ଶ୍ରୀନଗର-ଲାହୋର ବିମାନ ଅପହରଣ ଘଟଣାଟି କୁଆଡ଼େ ଥିଲା 'ର' ଦ୍ୱାରା ସଂଯୋଜିତ ଏକ ନାଟକ, ଯାହାର ଅପହର୍ତ୍ତା 'ନେସନାଲ ଲିବରେସନ ଫ୍ରଂଟ'ର ସଦସ୍ୟ ହାସିମ କ୍ୟୁରେସି ଥିଲା 'ର'ର ଡବଲ ଏଜେଂଟ ! ଏହାର ଉଦ୍ଦେଶ୍ୟ ଥିଲା ଏହି ଘଟଣାକୁ ଦର୍ଶାଇ ଭାରତ ଆକାଶ ଉପର ଦେଇ ପାକିସ୍ତାନ ବିମାନର ଚଳାଚଳକୁ ଅବରୋଧ କରିବା। ମୂଳ କଥାଟି ହେଲା, ତତ୍କାଳୀନ ପୂର୍ବ ପାକିସ୍ତାନକୁ ଯୁଦ୍ଧ ସରଞ୍ଜାମ ପଠାଇବାକୁ ପଶ୍ଚିମ ପାକିସ୍ତାନ ଉଦ୍‌ଗ୍ରୀବ ବୋଲି 'ର' ଠାରୁ ପ୍ରାପ୍ତ ସୂଚନା ପରିପ୍ରେକ୍ଷୀରେ କାଓ ମହାଶୟ ଏହି ବିମାନ ପଥକୁ ବନ୍ଦ କରିବାକୁ ଚାହିଁଥିଲେ, ଯାହା ବିନା କୌଣସି ଦୃଶ୍ୟମାନ କାରଣ ହେତୁ ଅସମ୍ଭବ ଥିଲା। ଏହି ସମୟରେ ଭାରତର ସୀମାନ୍ତରେ ଧରାପଡ଼ିଥିବା ଏନ.ଏଲ.ଏଫ. ସଦସ୍ୟ ତଥା କାଶ୍ମୀରୀ ଯୁବକ କ୍ୟୁରେସିଙ୍କୁ ପଚରାଉଚୁରା କରାଯାଉଥିବା ବେଳେ ଶ୍ରୀନଗରରୁ ଲାହୋରକୁ ବିମାନ ଅପହରଣ ନେଇ ହୋଇଥିବା ଷଡ଼ଯନ୍ତ୍ର ବିଷୟରେ ଜଣା ପଡ଼ିଥିଲା। ଦୂରଦ୍ରଷ୍ଟା ଆର.ଏନ. କାଓ ଏହାକୁ ଏକ ସୁଯୋଗ ବୋଲି ବିଚାର କରିଥିଲେ। ତେଣୁ କ୍ୟୁରେସିଙ୍କୁ ପ୍ରଭାବିତ କରି ଭାରତର ଡବଲ ଏଜେଂଟରେ ପରିଣତ କରାଗଲା, ଚକ୍ରାନ୍ତ ଅନୁଯାୟୀ ବିମାନ ଅପହୃତ ହେଲା, ବିମାନ ଯାତ୍ରୀମାନଙ୍କ ମୁକ୍ତି ସକାଶେ ଭାରତର ଜେଲରେ ବନ୍ଦୀ ୩୬ ଜଣ ଏନ.ଏଲ.ଏଫ. ଉଗ୍ରବାଦୀଙ୍କ ଖଲାସ ଦାବି ସହିତ ନୂଆ ଦାବି ରଖାଗଲା େ?ଯ କ୍ୟୁରେସି ପାକିସ୍ତାନର ପ୍ରଧାନମନ୍ତ୍ରୀ ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ସାକ୍ଷାତ କରିବାକୁ ଚାହେଁ। ତାହା ହିଁ ହେଲା। ଅବଲୀଳା କ୍ରମେ କ୍ୟୁରେସି-ଭୁଟ୍ଟୋଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ କାଳର ଫଟୋ ଗଣମାଧ୍ୟମରେ ପ୍ରକାଶିତ ହେଲା, ଯାହାକୁ ଦର୍ଶାଇ ଭାରତ ତା'ର ଆକାଶ ପଥକୁ ପାକିସ୍ତାନ ସକାଶେ ବନ୍ଦ କରିଦେଲା। କୁହାଯାଏ ଯେ ଅପହର୍ତ୍ତା ଓ ସରକାରଙ୍କ କଥାବାର୍ତ୍ତା କେବଳ ଔପଚାରିକ ଥିଲା; କୌଣସି ବନ୍ଦୀ ଖଲାସ ହେଲେ ନାହିଁ; ଏଣେ ଯାତ୍ରୀମାନେ ମୁକ୍ତ ହୋଇ ଭାରତ ଫେରିଲେ, ଯେଉଁମାନେ କୁଆଡ଼େ ଥିଲେ 'ର'ର କିଛି କର୍ମଚାରୀ ଓ ଏଜେଂଟ, ଏବଂ ବିମାନକୁ ଲାହୋରରେ ଜଳାଇ ଦିଆଗଲା। ଯଦିଓ ଏ ସଂକ୍ରାନ୍ତ ବାସ୍ତବ କଥାଟି ସର୍ବଦା ପ୍ରହେଳିକାମୟ ହୋଇ ରହିବ, ତଥାପି ବିଦେଶରେ ଏହାକୁ 'ର'ର ଏକ ଦୁଃସାହସିକ ଅଭିଯାନ ବୋଲି ଆଖ୍ୟାୟିତ କରାଯାଏ। ଅବଶ୍ୟ, କାରଗିଲ ଘଟଣା ନେଇ ଗୁଇନ୍ଦା ବିଫଳତାକୁ ଦାୟୀ କରାଯାଏ। ପ୍ରଶ୍ନ ଉଠେ ଯେ କାରଗିଲରେ ଏତେ ସଂଖ୍ୟକ ପାକିସ୍ତାନୀ ସୈନିକ ଠୁଳ ହେବାର ଖବର କିଭଳି ପୂର୍ବରୁ ମିଳି ପାରିଲା ନାହିଁ ? ତେବେ, ବାସ୍ତବତାଟି ହେଲା ସମନ୍ୱୟର ଅଭାବ ଓ ଅବହେଳା ଇତ୍ୟାଦି କାରଣରୁ 'ର'ର ଏଜେଂଟମାନଙ୍କ ଦ୍ୱାରା ପ୍ରେରିତ ପ୍ରାୟ ୪୫ଟି ସୂଚନାରୁ କେ ?ଣସି ଅର୍ଥପୂର୍ଣ୍ଣ ଉପସଂହାର ପାଇବାର ପ୍ରଚେଷ୍ଟା କରାଯାଇ ନ ଥିଲା, ଯାହାର ପରିଣାମ ହୋଇଥିଲା କାରଗିଲ ଯୁଦ୍ଧ।କାଶ୍ମୀର ବେଦୀ ହେଉଛନ୍ତି 'ର'ର ସର୍ବ ପ୍ରଥମ ଏଜେଂଟ, ଯାହାଙ୍କ ପ୍ରକୃତ ନାମ, ପରିଚୟ ଓ ସାଂପ୍ରତିକ ସ୍ଥିତି ସଂପୂର୍ଣ୍ଣ ଅଜ୍ଞାତ। ମହମ୍ମଦ ଇବ୍ରାହିମ ନାମ ଧାରଣ କରି ସେ ପାକିସ୍ତାନରେ ପ୍ରବେଶ କରି ଗୁଇନ୍ଦା ତଥ୍ୟ ପ୍ରେରଣ କରିବା ଆରମ୍ଭ କରିଥିଲେ। କହିବା ବାହୁଲ୍ୟ ଯେ 'ର'ର ଏଜେଂଟ ହେବା ମାତ୍ରକେ 'ଅ-ପରିଚୟ'ର ଗର୍ଭକୁ ନିକ୍ଷେପିତ ହେବା ଅନିବାର୍ଯ୍ୟ ହୋଇପଡ଼େ। ଏବଂ ଏହି ଛଦ୍ମ-ପରିଚୟଧାରୀମାନେ ସନ୍ତର୍ପଣରେ ବିଚରଣ କରୁଥାଆନ୍ତି ବୋଲି ପାକିସ୍ତାନର କୌଣସି ସେଲୁନରୁ ସେଠାକାର ଆଣବିକ ବିଜ୍ଞାନୀଙ୍କ କଟା ଚୂଳର ନମୁନା ଭାରତ ପହଂଚେ, ଯହିଁରୁ ବିକିରଣ ସ୍ତର ମାପି ରାୱଲପିଣ୍ଡିର 'ଖାଁ ଲାବରେଟୋରି'ରେ ହେଉଥିବା ପରମାଣୁ ବୋମା ନିର୍ମାଣର ଉଦ୍ୟମ ନେଇ ଧାରଣା ମିଳେ। ଦେଶର ସ୍ୱାର୍ଥ ଲାଗି ଏମାନେ ହୁଅନ୍ତି ଛାୟାଲୋକରେ ଆତଯାତ ହେଉଥିବା ସେହି ଅତନ୍ଦ୍ର ପ୍ରହରୀ, ଯେଉଁମାନେ ଧରା ପଡ଼ିଗଲେ ଦେଶ ଦ୍ୱାରା ସମୂଳ ପରିତ୍ୟାଜ୍ୟ ହୋଇଯାଆନ୍ତି ଏବଂ ଧରା ନ ପଡ଼ିବା ପର୍ଯ୍ୟନ୍ତ ଧୁରନ୍ଧରରେ ଜମିଲ ଜମାଲି ଓ ହମଜା ଅଲୀ ମଜାରିଙ୍କ ଭଳି ଏକମନସ୍କ ଭାବେ ଉଦ୍ଦେଶ୍ୟ ସାଧନରେ ବ୍ରତୀ ରହନ୍ତି।

## ଗଦ୍ୟ ଏବଂ ଗଣତନ୍ତ୍ର

'ଗଣତନ୍ତ୍ର', ଶାସନର କଥା। 'ଗଦ୍ୟ' ଅଭିବ୍ୟକ୍ତି ବା ଉଚ୍ଚାରଣର କଥା। ଏ ଦୁଇଟି ଶବ୍ଦ ଭିତରେ ଅଛି ଏକ ଅତ୍ୟାବଶ୍ୟକ ସମ୍ବନ୍ଧ। ଆପାତତଃ ଏ ସମ୍ବନ୍ଧର ଗଭୀରତା ସହଜରେ ବୁଝି ହୁଏନା। ଏଠାରେ ଶବ୍ଦ ଦୁଇଟିର ଅର୍ଥ ?ଯେମିତି ଗୁରୁତ୍ୱପୂର୍ଣ୍ଣ, ପାରସ୍ପରିକ ସଂପର୍କ ମଧ୍ୟ ତତୋଽଧିକ ତତ୍ତ୍ୱବୋଧକ। ଅତି ସାଧାରଣ କରି କହିଲେ- ଯେଉଁଠାରେ ଭଲ 'ଗଦ୍ୟ' ନାହିଁ ସେଠାରେ 'ଗଣତନ୍ତ୍ର' ମଧ୍ୟ ସଫଳ ନୁହେଁ। ଏ 'ଗଦ୍ୟ ଏବଂ ଗଣତନ୍ତ୍ର' କଥାଟିକୁ 'ସମ୍ବାଦ' ଖବରକାଗଜର ପୂର୍ବତନ ସଂପାଦକ ତଥା ଲୋକସଭା, ରାଜ୍ୟସଭା ପୁଣି ବିଧାନସଭାର ପୂର୍ବତନ ବ୍ୟବସ୍ଥାପକ ବାବୁ ସୌମ୍ୟରଂଜନ ପଟ୍ଟନାୟକ ବିଭିନ୍ନ ସଭାସମିତିରେ ବାରମ୍ବାର ଆଲୋଚନା କରିବା ନିଶ୍ଚିତରେ ପ୍ରଣିଧାନଯୋଗ୍ୟ। କ'ଣ ଏହାର ଗୁରୁତ୍ୱ ? ଗଣତନ୍ତ୍ର ପାଇଁ ଗଦ୍ୟ କାହିଁକି ମୌଳିକ ତା'ର ଅନୁଶୀଳନ ପୂର୍ବରୁ ଗଣତନ୍ତ୍ରର ବିଶ୍ଳେଷଣ ଓ ଗଦ୍ୟର ବିଷୟ ବିସ୍ତାର ସଂପର୍କରେ ସମୁଚିତ ଜ୍ଞାନ ରହିବା ଆବଶ୍ୟକ। ଆରମ୍ଭରୁ ବୁଝିନେବା ଆବଶ୍ୟକ ଯେ ଗଣତନ୍ତ୍ରକୁ କେବଳ ଏକ ଶାସନ ବ୍ୟବସ୍ଥା କହିଦେଲେ ତାହା ଯଥେଷ୍ଟ ହେବନାହିଁ କି ଗଦ୍ୟକୁ ସାହିତ୍ୟର ଅଂଶ କହି ରହିଗଲେ ଚଳିବ ନାହିଁ। 'ଗଣତନ୍ତ୍ର' ଏକ ଜୀବନ ପରିଚାଳନାର କଥା ଏବଂ 'ଗଦ୍ୟ' ସେହି ଜୀବନକୁ ବୁଝି ବୁଝାଇବାର ସର୍ବଶ୍ରେଷ୍ଠ ମାର୍ଗ। ଭଲ ଦହି, ଖଣ୍ଡ ସର୍କରା, ଆବଶ୍ୟକ ସୁଗନ୍ଧିତ ମାଲ୍‌ମସଲା ଥିଲେ ବି ନିର୍ମଳ ଜଳ ଅଭାବରେ ଯେମିତି ଉପଯୁକ୍ତ ଲସି ବା ଦହିସର୍ବତ ତିଆରି ହୋଇପାରେନା ସେହିଭଳି ଶିକ୍ଷା, ସଂସ୍କୃତି, ଆଦର୍ଶ, ଜନମଙ୍ଗଳ ଧାରା ଆଦି ଯେତେ ଯାହା ଥିଲେ ବି ଗୋଟିଏ ଜନସମୂହରେ ଉଚିତ ଗଦ୍ୟର ବିକାଶ ନ ହେଲେ କୌଣସି ଉନ୍ନତ ଗଣତନ୍ତ୍ର ତିଷ୍ଠି ରହିପାରିବ ନାହିଁ। ଫାସିବାଦ ବା ଏକଚ୍ଛତ୍ରବାଦ କେଉଁ ବାଟରେ ଆସେ ? ଦେଖାଯାଇଛି ଯେ ଗୋଟିଏ ଗଣତନ୍ତ୍ରରେ ସହଜରେ ଫାସିବାଦ ପ୍ରତିଷ୍ଠିତ ହୁଏ। ଉଚିତ ଗଦ୍ୟର ଅଭାବରେ ଗଣତନ୍ତ୍ର ଥାଇ ବି ତା'ର କାନ୍ଧ ଚଢ଼ି ଫାସିବାଦ କାୟା ବିସ୍ତାର କରେ। ଆଡୋଲ୍ ?ଫ ହିଟଲର ବା ବେନିଟୋ ମୁସୋଲିନି କେଉଁ ସାମରିକତନ୍ତ୍ର ବା ଗୁଣ୍ଡାଶାସନ ବାଟେ ଯଥାକ୍ରମେ ଜର୍ମାନୀ ବା ଇଟାଲିରେ ଫାସିବାଦ ଆଣି ନ ଥିଲେ। ସେ ଦୁଇଟି ତ ବେଶ୍ ଶିକ୍ଷିତ, ସଂସ୍କୃତିବନ୍ତ ତଥା ଉନ୍ନତ ଦେଶ ଥିଲେ ସେତେବେଳେ। ଗଣତନ୍ତ୍ରର ଶାସନ ଚାଲିଥିଲା। ତେବେ ଫାସିବାଦ ଆସିଲା କେମିତି ? କେମିତି ଗଣତନ୍ତ୍ରର କାନ୍ଧ ଉପରେ ଠିଆ ହୋଇଗଲା ସେଭଳି ମାନବିକତା ବିରୋଧୀ ଏକଚ୍ଛତ୍ରବାଦ ? ଭିତରେଇ ଦେଖିଲେ ଜଣାପଡ଼ିବ, ସେଠାରେ ଉପଯୁକ୍ତ ଗଦ୍ୟର ଅଭାବ ରହିଲା। ସାଧାରଣରେ ଧାରଣା ଅଛି ଯେ ଗଣତନ୍ତ୍ର କହିଲେ, ଲୋକଶାସନ। ରାଜତନ୍ତ୍ର ଯେମିତି ରାଜାର ଶାସନ, ଅଭିଜାତତନ୍ତ୍ର ଯେମିତି ଅଭିଜାତଗୋଷ୍ଠୀର ଶାସନ ସେମିତି ଗଣତନ୍ତ୍ର, ଲୋକମାନଙ୍କର ଶାସନ। ଏହା ଭ୍ରମାତ୍ମକ। ଲୋକଶାସନ କହିଲେ କ'ଣ ଲୋକେ ଶାସନ କରୁଛନ୍ତି ? ରାଜତନ୍ତ୍ରରେ ରାଜା ଶାସନ କରନ୍ତି, ସାମରିକତନ୍ତ୍ରରେ ସାମରିକ ମୁଖ୍ୟ ସିଧାସଳଖ ଶାସନ କରନ୍ତି ମାତ୍ର ଗଣତନ୍ତ୍ରରେ ଲୋକମାନେ ସିଧାସଳଖ ଶାସନ କରନ୍ତି ନାହିଁ। ଶାସନ କରନ୍ତି ସେମାନଙ୍କର ପ୍ରତିନିଧି। ଅତଏବ ଗଣତନ୍ତ୍ର କହିଲେ 'ପ୍ରତିନିଧିଶାସନ'।ଏ ପ୍ରତିନିଧିମାନେ ଆସନ୍ତି କୁଆଡୁ ସେମାନେ ଯେଉଁ ବାଟରେ ଆସନ୍ତି ତା'ର ନାମ 'ମତ ଆଧାରିତ ନିର୍ବାଚନ'। ତେଣୁ କହିବାକୁ ଗଲେ ଗଣତନ୍ତ୍ର ନିର୍ବାଚିତର ଶାସନ ଯେତିକି ତା'ଠାରୁ ତାହା ଅଧିକ 'ନିର୍ବାଚନର ଶାସନ'। ଗଣତନ୍ତ୍ରରେ ନିର୍ବାଚନ ହିଁ ଅସଲ ନିୟାମକ। ତାହା ନ୍ୟାୟପୂର୍ଣ୍ଣ ବା ଅନ୍ୟାୟପୂର୍ଣ୍ଣ, ଥରେ ନିର୍ବାଚନ ସରିଗଲେ ସେ ବିଚାର ଆପେ ଗୌଣ ହୋଇଯାଏ। ଏଇଠି ବୁଝିବା ଦରକାର ଯେ ଗଣତନ୍ତ୍ର, ପ୍ରତିଟି ନିର୍ବାଚନର ଅମଳ ଉପରେ ନିର୍ଭର କରେ। ଅମଳ ଅଗାଡ଼ି ବା ବାଲୁଙ୍ଗାରେ ଭର୍ତ୍ତି ହୋଇଥିଲେ ମଧ୍ୟ ତାହାକୁ ଗଣତନ୍ତ୍ର ଗ୍ରହଣ କରେ। ତେଣିକି ଦେଖଣାହାରୀ ହୋଇ ପଡ଼ିଆ ଚାରିପଟେ ଲୋକମାନେ କେବଳ ଭିଡ଼ ଜମାନ୍ତି। ହୋହଲ୍ଲା କରନ୍ତି। ସେତେବେଳୁ ଲେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥାଏ। ନିର୍ବାଚନ, ପ୍ରତିନିଧି ବାଛେ ମାତ୍ର ଏ ବାଛିବାର ପ୍ରକ୍ରିୟା ବହୁଳ ଭାବରେ ଲୋକମତ ଆଧାରରେ ହିଁ ତିଆରି ହୁଏ। ପ୍ରଶ୍ନଟି ହେଲା ଲୋକମତ କାହାକୁ ନେଇ ତିଆରି ହୁଏ ? ଯେତେ ଯିଏ ପଇସା ବଳ, ଲାଠଂ ବଳ, ଧମକ ବଳ, ବୁଥ୍ ଦଖଲ ବଳ, ଗଣନା ହଟଚମଟ ବଳ, ଭୋଟ୍‌ଯନ୍ତ୍ର ନିୟନ୍ତ୍ରଣ ବଳର କଥା କହିଲେ ବି ସବୁକଥା ଅକାମୀ ହୋଇଯାଏ ବ୍ୟକ୍ତିତ୍ୱ ଓ ଆଦର୍ଶ ଭଳି ଦୁଇଟି ବଳ ଆଗରେ। ନଚେତ ଅପହର୍ତ୍ତା ଓ ଅସୁରମାନେ କାଳେକାଳେ ଶାସନ ଗାଦିରେ ରହନ୍ତେ। ମାତ୍ର ସେ କଥା ଘଟେନା। ସେତେବେଳେ ଭଲ ଗଦ୍ୟ କାମକୁ ଆସେ। ଆଲୋଚନାଟିକୁ ଟିକେ ଅଟକେଇ ଆମେ ସାମାନ୍ୟ ଅତୀତକୁ ଯିବା। ଶାସନ କହିଲେ ଅତୀତରେ ସବୁଆଡ଼େ ଥିଲା ରାଜତନ୍ତ୍ର। ପୂରା ଇତିହାସ ତିଆରି ହୋଇଛି ରାଜାରାଣୀମାନଙ୍କର କାରନାମାକୁ ନେଇ। ଯେତେବଡ଼ ଲେଖକ, ଶିଳ୍ପୀ, ବିଦ୍ୱାନ ହେଲେ ମଧ୍ୟ ଇତିହାସ ସେମାନଙ୍କୁ ରାଜା ବା ସମ୍ରାଟର ଆସନ ଦିଏ ନାହିଁ। ଲେଖକ ପରେ ଲେଖକ, ପ୍ରଫେଟ୍ ପରେ ପ୍ରଫେଟ୍ ବା ସନ୍ଥ ପରେ ସନ୍ଥଙ୍କୁ ନେଇ ଇତିହାସ ରଚିତ ହୁଏ ନାହିଁ। ଇତିହାସ କହିଲେ ଶାସନ-କ୍ରମପ୍ରଣାଳୀର ରୂପରେଖ। ରାଜା ପରେ ରାଜାର ପାହାଚ ହିଁ ଇତିହାସର ପାହାଚଶ୍ରେଣୀ। ରାଜା, ଚଳନ୍ତି ଠାକୁର, ସର୍ବଶକ୍ତିମାନ। ଫ୍ରାନ୍ସର ଲୁଇ-ଚଉଦଙ୍କ ଭଳି ରାଜା ୫ ବର୍ଷ ବୟସ (୧୬୪୩ ଖ୍ରୀଷ୍ଟାବ୍ଦ)ରୁ (୧୭୧୫ ଖ୍ରୀଷ୍ଟାବ୍ଦ ଯାଏ) ୭୨ ବର୍ଷ ନିରଙ୍କୁଶ ତଥା ନିରବଚ୍ଛିନ୍ନ ଶାସନ କରିବା ଇତିହାସରେ ବିରଳ। ହେଲେ ଲୁଇ-ଷୋହଳଙ୍କ ବେଳକୁ ଯାହା ଘଟିଲା ତାହା ସାରା ପୃଥିବୀର ଶାସନ ବ୍ୟବସ୍ଥାକୁ ଦୋହଲାଇଦେଲା। ଫରାସୀ ବିପ୍ଳବ ବଦଳେଇଦେଲା ସବୁ। ୧୭୯୨ ଖ୍ରୀଷ୍ଟାବ୍ଦ ବେଳକୁ ରାଜତନ୍ତ୍ର ଭୁଶୁଡ଼ି ଆସିଲା ଇଉରୋପରେ। ତେଣିକି ଆରମ୍ଭ ହେଲା ଗଣତନ୍ତ୍ରର ବ୍ୟାପ୍ତି। ଆଜି ସବୁଆଡ଼େ ପ୍ରାୟ ଗଣତନ୍ତ୍ରର ଶାସନ। ପ୍ରକୃତରେ କିଏ ବଦଳେଇଲା ? ହଜାର ହଜାର ବର୍ଷ ଧରି ଗୋଟେ ଶାସନ ବ୍ୟବସ୍ଥାକୁ କିଏ ଏମିତି ଫୋପାଡ଼ି ଫିଙ୍ଗିଦେଲା ତା'ର ଉତର ହେଉଛି 'ଗଦ୍ୟ'। ନିରୋଳା ଗଦ୍ୟ ହିଁ ଫରାସୀ ବିପ୍ଳବର ଅସଲ ସୂତ୍ରଧର। ସ୍ୱାଧୀନତା, ସ୍ୱାତନ୍ତ୍ର୍ୟ, ସମାନତା ଓ ଭ୍ରାତୃତ୍ୱର ମଶାଲଗୁଡ଼ିକ ଅଷ୍ଟାଦଶ ଶତାବ୍ଦୀରେ ବିଭିନ୍ନ ଗଦ୍ୟ ମାଧ୍ୟମରେ ଅତି ପ୍ରଖର ଭାବରେ ସେତେବେଳେ ଜଳି ଉଠିଥିଲେ ଇଉରୋପ ମାଟିରେ। ରୁଷୋ, ଭଲ୍‌ଟାୟାର, ମଣ୍ଟେସ୍କ, ଡିଡ୍ରୋଏଟ୍, ଆବେ ସିଏସ୍ ଏବଂ ଜନ୍ ଲକ୍‌ଙ୍କ ଭଳି ଗଦ୍ୟକାରମାନେ ହିଁ ମଶାଲ ଜାଳିବାର ଦାୟିତ୍ୱ ନେଇଥିଲେ। ଏମାନଙ୍କ ଲେଖାରେ ପଦ୍ୟ ନ ଥିଲା, ଥିଲା ଗଦ୍ୟର ବଜ୍ରନାଦ। ବାହାରକୁ ଦିଶିଥିଲା ବିଜୁଳି ପରି ମାତ୍ର ଅନ୍ତରେ ଅନ୍ତରେ ତାହା ସୃଷ୍ଟି କରିଥିଲା ଅନ୍ତହୀନ ନିନାଦ। ଏଇ ନିନାଦର ଫଳଶ୍ରୁତି ଆଜିର ଗଣତନ୍ତ୍ର। ଗ୍ରୀକ୍ ଇତିହାସର ଗଣତନ୍ତ୍ର ସୂତାଖିଅ ମାତ୍ର ପ୍ରକୃତ ଗଣତନ୍ତ୍ରର ଭିତ୍ତିଭୂମି ଗଢ଼ାହୋଇଛି ନିରୋଳା 'ଗଦ୍ୟ' ମାଧ୍ୟମରେ। ଗଦ୍ୟ, ସାଧାରଣରୁ ଅସାଧାରଣ ସମସ୍ତଙ୍କର ମନକଥା ପାଲଟିଯାଏ। ଆରମ୍ଭରୁ କହିଲା ଭଳି, ଗଦ୍ୟ ଅଭିବ୍ୟକ୍ତିର କଥା ସତ୍ୟ ମାତ୍ର ତାହା ସେତିକିରେ ସୀମିତ ନୁହେଁ। ଗୀତ, ସଂଗୀତ, ସଂଳାପ, ଅଭିନୟ, ନୃତ୍ୟ ଆଦି ସବୁକଥା ତ ଅଭିବ୍ୟକ୍ତି ! କେବଳ ଗଦ୍ୟକୁ ଆମେ ଅଭିବ୍ୟକ୍ତି କହିବା କାହିଁକି ? ଆଭିଧାନିକ ଭାବେ ଦେଖିଲେ ଯେଉଁ ଅଭିବ୍ୟକ୍ତି ଛନ୍ଦହୀନ ତାହା ଗଦ୍ୟ। ମାତ୍ର ମନେରଖିବା ଆବଶ୍ୟକ ଯେ ଅନେକ ଗଦ୍ୟରେ ମଧ୍ୟ ଅପୂର୍ବ ଗୀତିମୟତା ଥାଏ। ଦଣ୍ଡିଙ୍କ ମତରେ- "ଅପାଦଃ ପଦ ସନ୍ତାନଃ ଗଦ୍ୟମ୍।" ପଦ ପରେ ପଦ ଥିଲେ ତାହା ପଦ୍ୟ। ତାହା ନ ଥିଲେ ସେ ଉଚ୍ଚାରଣ ଗଦ୍ୟ। ବିଶ୍ୱନାଥ କବିରାଜ ଯେଉଁ କଥା ସବୁକୁ ନେଇ ଗଦ୍ୟର ଭାଷ୍ୟ କରିଛନ୍ତି, ସେଥିରେ ସମାସ ଓ ବୃତ୍ତରହିତ କଥନକୁ ଗଦ୍ୟର ସ୍ଥାନ ଦେଇଛନ୍ତି। ପୁଣି କେହିକେହି ଗଦ୍ୟକୁ ନିରସ, ଶ୍ରୁତିହୀନ ଓ କଳ୍ପନାହୀନ ଅଭିବ୍ୟକ୍ତି ବୋଲି ତର୍ଜମା କରିଛନ୍ତି। ମାତ୍ର ଏଠାରେ ଗଣତନ୍ତ୍ରକୁ ନେଇ ଯେଉଁ ଗଦ୍ୟର ଅବତାରଣା କରାଯାଇଛି ତାହା ଗଦ୍ୟ, ପଦ୍ୟର ତୁଳନାତ୍ମକ ଶାସ୍ତ୍ରାସ୍ତ୍ରକୁ ନେଇ ନୁହେଁ। ସିଧା ଅର୍ଥରେ କହିଲେ ଆମେ ଯାହା ବ୍ୟକ୍ତ କରୁ ତାହା ଗଦ୍ୟ। ଗଦ୍ୟ ସ୍ୱାଭାବିକ ଅଭିବ୍ୟକ୍ତି। ଅପରପକ୍ଷରେ ପଦ୍ୟ ତିଆରି କରିବାକୁ ପଡ଼େ। ଭାବନାକୁ ଅଟକେଇ ଭାଷାରେ ଛନ୍ଦ ଆଣି, ତୀର୍ଯ୍ୟକ କରି ପୁଣି ଅଭିବ୍ୟକ୍ତିକୁ ଗୂଢ଼ କରି ବା ସଂକ୍ଷିପ୍ତ କରି ପଦ୍ୟ ନିର୍ମାଣ ଲାଗିବାକୁ ପଡ଼େ। ତେଣୁ ଗଦ୍ୟ ହିଁ ଗୋଟିଏ ମଣିଷର ସାଧାରଣ ଉଚ୍ଚାରଣ। ଏ ସାଧାରଣ ଉଚ୍ଚାରଣଟି ପୁଣି କ'ଣ ? ଯାହା ତା' ମନକୁ ଆସେ, ଯାହା ତା'ର ବିଶ୍ୱାସ ଓ ସୂଚନା ଆଧାରରେ ସଂଗୃହୀତ ହୋଇଥାଏ ସେ ସମସ୍ତକୁ ପାଥେୟ କରି ମଣିଷ କଥାବାର୍ତ୍ତା କରେ। ହୁଏତ ସ୍ୱାଭାବିକ ମନର କଥା ଲୁଚାଇ ସେ ଅନ୍ୟ କଥା କହୁଥାଇପାରେ ମାତ୍ର ଜଣେ ବ୍ୟକ୍ତି ଆଉ ଜଣକ ଭିତରେ ବା ସମୂହ ଭିତରେ ପ୍ରବେଶ କରିବା ପାଇଁ ହେଲେ ଅଧିକତର ଭାବେ ଗଦ୍ୟର ଆଶ୍ରୟ ନେଇଥାଏ। ସେଥିପାଇଁ କଥା, ସଂଳାପ, ଭାଷଣ, ବକ୍ତବ୍ୟ, ପ୍ରବନ୍ଧ, ଗଳ୍ପ, ଆଖ୍ୟାନ ଆଦିକୁ ଆଶ୍ରୟ କରି ମଣିଷ ତା'ର ଗଦ୍ୟକୁ ସଜାଡ଼େ। ସ୍ଥଳବିଶେଷରେ ଆପଣା ଗଦ୍ୟକୁ ରୋଚକ କରିବା ପାଇଁ, ଦୋହା, ଢମାଳିର ପ୍ରୟୋଗ ମଧ୍ୟ କରେ। ତା' ଫଳରେ ସେ ମନର କଥାକୁ ଅତି ସଂଯତ ଭାବରେ ଅନ୍ୟର ମନଗହୀରରେ ପ୍ରବେଶ କରାଏ। ଏବେ ଆମେ ଫେରିଆସିବା ଗଣତନ୍ତ୍ର ପାଖକୁ। ଗଣତନ୍ତ୍ର ଯେ ନିର୍ବାଚନର ଶାସନ ତାହା ଆଗରୁ ଆଲୋଚିତ ହୋଇସାରିଛି। ନିର୍ବାଚନ ସମୟରେ ପ୍ରାର୍ଥୀମାନେ ମତ ସଂଗ୍ରହ ପାଇଁ ଲୋକମାନଙ୍କ ପାଖକୁ ଯାଆନ୍ତି। ପ୍ରଚାର ପ୍ରସାର ଚାଲେ। ଏ ଯେଉଁ ପ୍ରଚାର ପ୍ରସାର, ତା' ମୂଳରେ ଅଛି ଗଦ୍ୟ। ଯେଉଁ ପ୍ରାର୍ଥୀ ସଫଳ ଭାବରେ ଲୋକମାନଙ୍କ ନିକଟରେ ନିଜକୁ ଅଭିବ୍ୟକ୍ତ କରନ୍ତି ସେଇମାନେ ହିଁ ମତ ସଂଗ୍ରହରେ ଜିତାପଟ ଲାଭ କରନ୍ତି। କେହିକେହି ସମସାମୟିକ କାଳରେ ବ୍ୟବହୃତ ହେଉଥିବା ଘୃଣ୍ୟ ଓ ମନ୍ଦ ପ୍ରକ୍ରିୟାଗୁଡ଼ିକର ଉଦାହରଣ ଦେଇ ନିର୍ବାଚନରେ ସେ ମାର୍ଗର ସଫଳତା କଥା କହିପାରନ୍ତି, ମାତ୍ର ଏଠାରେ ତାହା ଆଲୋଚନାର ଆବଶ୍ୟକତା ରଖେନାହିଁ। କାରଣ ଆମେ ପ୍ରକୃତ ଗଣତନ୍ତ୍ରର ନିର୍ମାଣ ସଂପର୍କରେ ହିଁ ଅନୁଶୀଳନ କରୁଛେ। ଗଣତନ୍ତ୍ର ନାଆଁରେ ଏବଂ ନିର୍ବାଚନ ନାଆଁରେ ଯେତେସବୁ ଅନ୍ୟାୟପୂର୍ଣ୍ଣ ହଟଚମଟ ଏବେ ସୃଷ୍ଟି ହେଉଛି ତାହା ଆମ ପାଇଁ ଉଦାହରଣୀୟ ନୁହେଁ। ପ୍ରକୃତ ଲକ୍ଷ୍ୟ ଉନ୍ନତ ଗଣତନ୍ତ୍ରର ସୃଷ୍ଟି ଏବଂ ସେଥିନିମନ୍ତେ ଭଲ ଗଦ୍ୟର ଭୂମିକା ସଂପର୍କରେ ଆଲୋଚନା। ଭଲ ଗଦ୍ୟ କହିଲେ ତାହା ଲିଖିତ ପ୍ରବନ୍ଧକୁ କେବଳ ବୁଝାଏ ନାହିଁ। ସମସ୍ତ ଛୋଟବଡ଼ ଅଭିବ୍ୟକ୍ତି ମଧ୍ୟ ଗଦ୍ୟର ବ୍ୟାପକ ରୂପ। ସେଥିରେ ବକ୍ତବ୍ୟ, ଭାଷଣ, ସଂଳାପ, ପ୍ରଶ୍ନୋତର ଆଦି ସବୁକଥା ଅନ୍ତର୍ଭୁକ୍ତ। ତେଣୁ ମୂଳ କଥାଟି ହେଲା ଯେଉଁ ବ୍ୟବସ୍ଥାରେ ଲୋକେ ନିଜର ମନକଥା କହିପାରନ୍ତି ନାହିଁ, ପୁଣି ଯେଉଁ ପ୍ରତିନିଧିମାନେ ସେମାନଙ୍କୁ ବୁଝିପାରନ୍ତି ନାହିଁ ଏବଂ ସର୍ବୋପରି ଶାସନ ଦାୟିତ୍ୱ ନେଇଥିବା ଶ୍ରେଣୀ ଠିକ୍ ଭାବେ ନିଜକୁ ବୁଝାଇ ପାରନ୍ତି ନାହିଁ ସେଠାରେ ଗଣତନ୍ତ୍ର ବିଫଳ ହୁଏ। କେବଳ ଭୋଟ୍ ଜିଣି ଶାସନ କରିବା ଗଣତନ୍ତ୍ର ନୁହେଁ। ଭୋଟ୍ ଠିକ୍ ସଂପତ୍ତି ଭଳି। ସଂପତ୍ତି ଯେମିତି ବାଟମାରଣା ହୁଏ, ଅପହୃତ ହୁଏ, ଚୋରି ହୁଏ, ବ୍ୟଭିଚାରିତ ହୁଏ ଠିକ୍ ସେହିଭଳି ମତ ବା ଭୋଟ୍ ମଧ୍ୟ ଅନ୍ୟାୟପୂର୍ଣ୍ଣ ଭାବେ ଦୁଷ୍ଟମାନଙ୍କ ଦ୍ୱାରା କବଳିତ ହୁଏ। ଫଳରେ ଗଣତନ୍ତ୍ର ବିପନ୍ନ ହୁଏ ଏବଂ ଗଦ୍ୟ ଆପେ ନିରବ ହୋଇଯାଏ। ଗଦ୍ୟ କହିଲେ ଆମେ ତାହାକୁ କେବଳ ଅଭିବ୍ୟକ୍ତି ବା ଉଚ୍ଚାରଣରେ ନ ବୁଝି ଆଉ ଟିକେ ଉପରକୁ ଯିବା ଉଚିତ। ଗଦ୍ୟର ନିର୍ମାଣ ହୁଏ ମନଃଚେତନାରେ। ଏହା ଜଣକର ମନଃଚେତନା ନ ହୋଇ ସମୂହର ଭାବବୋଧନ ହେବା ଆବଶ୍ୟକ। ସେଥିପାଇଁ ଅତୀତର ଗ୍ରୀସ୍‌ରେ 'ଟକିଂ ସପ୍‌ସ' ବା 'କଥା କହିବାର ଦୋକାନମାନ' ଖୋଲିଥିଲା। ସେଠାରେ ବେପାରବଣିଜ ଠାରୁ ଆରମ୍ଭ କରି ରାଜନୀତି, ସମାଜନୀତି, ଦର୍ଶନ, ଗପସପ ଓ ଖବର ବିନିମୟ ଭଳି ନାନାବିଧ ଗଣତନ୍ତ୍ର ପ୍ରଚୋଦନକାରୀ ଅଭିବ୍ୟକ୍ତି ପ୍ରକାଶ ପାଉଥିଲା। ଗଦ୍ୟ, ନିଜକୁ ବ୍ୟକ୍ତ କରିବାରେ ଯେମିତି ସାହାଯ୍ୟ କରେ ସେମିତି ଅନ୍ୟର କଥାକୁ ଜାଣିବାରେ ମଧ୍ୟ ସୁଯୋଗ ଦିଏ। ଗଦ୍ୟକୁ ଲେଖା ମାଧ୍ୟମରେ ସୀମିତ କରିବା ଅନାବଶ୍ୟକ। ଗଦ୍ୟ ପ୍ରତିଟି ମଣିଷର ସ୍ୱାତନ୍ତ୍ର୍ୟ। ସଫଳ ଗଦ୍ୟର ଅର୍ଥ ସଫଳ ମତପ୍ରକାଶର ସୁଯୋଗ ଧାରା। ଯେଉଁଠାରେ ଏ ସୁଯୋଗ ନାହିଁ ସେଠାରେ ଗଣତନ୍ତ୍ର ସଫଳ ହେବ କେମିତି ? ଗଦ୍ୟ ହିଁ ବ୍ୟକ୍ତିତ୍ୱକୁ ସୁଗଠିତ କରେ ଏବଂ ଏକ ଆଦର୍ଶକୁ ଲୋକସମୂହ ନିକଟରେ ପ୍ରତିଭାତ କରେ। ଆଜି ଯେ ଆମେ ଗଣତନ୍ତ୍ର ପାଇଁ ଉପଯୁକ୍ତ ବ୍ୟକ୍ତି ଓ ଆଦର୍ଶର ଅଭାବ ଅନୁଭବ କରୁଛେ ତା'ର କାରଣ ଆମ ସମାଜରେ ଗଦ୍ୟ ସବଳ ନୁହେଁ। ଗଦ୍ୟ, ପ୍ରତିଟି ମଣିଷର ମାନସିକ ତଥା ଆଭିବ୍ୟକ୍ତିକ ମାନଦଣ୍ଡ। ଏହାହିଁ ସଫଳ ମତ ତିଆରି କରିବାର ମାପକାଠି। ଏହାର ଅଭାବରେ କେଉଁ ଗଣତନ୍ତ୍ର ନା କେଉଁ ଲୋକଶାସନ !

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଭଗବାନ ଶଙ୍କରଙ୍କୁ ମୁଣ୍ଡିଆ ମାରି ମାନସିକ ରଖିଲେ ଶ୍ରଦ୍ଧାଳୁ

ଯୁଯୁମୁରା,୨/୪(ନି/ପ୍ର): ଭଗବାନ ଶିବ ଏବଂ ଶ୍ରଦ୍ଧାଳୁମାନଙ୍କର ମହାମିଳନ ହୋଇଛି। ପ୍ରାୟ ୪୦ ଡିଗ୍ରି ତାପମାତ୍ରାରେ ତଥା ପ୍ରବଳ ଖରାକୁ ଖାତିର ନକରି ଶ୍ରଦ୍ଧାଳୁମାନେ ଅଷ୍ଟଶମ୍ଭୁ ମହାମିଳନ ପର୍ବରେ ଶିବଙ୍କୁ ମୁଣ୍ଡିଆ ମାରିଛନ୍ତି। ଆଶୀର୍ବାଦ ପାଇବା ପାଇଁ ଶିବଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଏବଂ ଅନେକ ଭକ୍ତ ମାନସିକ ମଧ୍ୟ ରଖିଛନ୍ତି। ସମ୍ବଲପୁର ଯୁଯୁମୁରା ବ୍ଲକ ଅନ୍ତର୍ଗତ ଅନ୍ଧାରି ଗ୍ରାମରେ ବୁଧବାର ଅଷ୍ଟଶମ୍ଭୁ ମହାମିଳନ ଉତ୍ସବରେ ଏହି ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ଅଷ୍ଟଶମ୍ଭୁ ମହାମିଳନ ଗ୍ରାମର ସ୍କୁଲ ସମ୍ମୁଖ ପଡ଼ିଆ ନିକଟରେ ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ୮ଟି ଶିବଙ୍କର ଚଳନ୍ତି ପ୍ରତିମାକୁ ନେଇ ପ୍ରାୟ ୧୦ହଜାର



ଭକ୍ତଙ୍କର ସମାଗମ ହୋଇଥିଲା। ମହାମିଳନ ସମୟରେ ପ୍ରାୟ ଢୋଲ, ନିଶାଣ, ତାସା, ଘଣ୍ଟର ଶବ୍ଦରେ ଗଗନ-ପବନ ଆଚମ୍ବିତ ହୋଇଉଠିଥିଲା। ଦଣ୍ଡୁଆମାନେ କାଶୀ କପିଳାସବାସୀ ହେ...କହି ଭଗବାନ ଶିବଙ୍କୁ ଡାକୁଥିଲେ। ସମାରୋହରେ ଅନ୍ଧାରି ଗ୍ରାମର ଧ୍ରୁବ ଚରଣ ବିଶ୍ୱାଳ, ପ୍ରମିଳା ବିଶ୍ୱାଳ କର୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ କିଶୋର ପାଣିଗ୍ରାହୀ ଓ ଚମ୍ପେଶ୍ୱର ହୋତା ପୂଜକ ଦାୟିତ୍ୱ ତୁଲାଇଥିଲେ। ଚାରମାଲ ଖୁବେଲର କପିଳେଶ୍ୱର ବାବା, କୁଆଖୋଲର କେଦାରେଶ୍ୱର ବାବା, ଅଇଁଲାଝରଣର ବିମଳେଶ୍ୱର ବାବା, ଭାଡ଼ିମରାର ସିଦ୍ଧେଶ୍ୱର ବାବା, ରେଙ୍ଗାଲି ବଡମାଲର ଧବଳେଶ୍ୱର ବାବା, ରେଢାଖୋଲର କାଶୀ ବିଶ୍ୱନାଥ ବାବା, ଲିପିଣ୍ଡାର ଲିଙ୍ଗେଶ୍ୱର ବାବା ଓ ଠେଙ୍ଗୋର ରାମେଶ୍ୱର ବାବାଙ୍କ ମହାମିଳନ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନ୍ନ ପ୍ରସାଦର ବ୍ୟବସ୍ଥା ରହିଥିଲା। ଗ୍ରାମବାସୀ ସହଯୋଗ କରିଥିଲେ। ବର୍ଷର ୧୨ ମାସ ମଧ୍ୟରୁ ଭଗବାନ ଶିବ ପ୍ରାୟ ସାଢ଼େ ୧୧ ମାସ ପର୍ଯ୍ୟନ୍ତ ମନ୍ଦିର ଭିତରେ ପୂଜା ପାଇଥାନ୍ତି। କିନ୍ତୁ ବାକି ପ୍ରାୟ ୧୫ଦିନ ମନ୍ଦିର ବାହାରେ ପୂଜା ପାଇଥାନ୍ତି। ଭଗବାନ ଶଙ୍କର ଯେତେବେଳେ ମନ୍ଦିର ଛାଡ଼ି ବାହାରକୁ ଯାଇଥାନ୍ତି, ଏହାକୁ ଝାମୁଯାତ୍ରା ନାମରେ ଲୋକେ ଜାଣିଥାନ୍ତି। ଶିବଙ୍କର ଏବେ ଝାମୁଯାତ୍ରା ଜାରି ରହିଛି। ବିଶେଷ ଭାବେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଦଣ୍ଡଯାତ୍ରା ଏକ ଆଧ୍ୟାତ୍ମିକ ଏବଂ ଧାର୍ମିକ ଯାତ୍ରା ଭାବେ ବହୁ ଲୋକପ୍ରିୟତା ଅର୍ଜନ କରିଛି। ଏହି ଯାତ୍ରା ଫାଲ୍ଗୁନ ପୂର୍ଣ୍ଣିମା ପର ଠାରୁ ବିଭିନ୍ନ ମନ୍ଦିରରୁ ଭିନ୍ନଭିନ୍ନ ସମୟରେ ଆରମ୍ଭ ହୋଇଥାଏ, ଯାହାକି ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ଜାରି ରହିଥାଏ। ଏହି ଯାତ୍ରାର ଅନ୍ୟନାମ ଦଣ୍ଡଯାତ୍ରା। ଆଉ ଏହି ସମୟରେ ଭଗବାନ ଶିବଙ୍କୁ ମାନସିକଧାରୀମାନେ ଗାଁକୁ ଗାଁ ବୁଲାଇଥାନ୍ତି।

## ଭୁବନରେ ହିଙ୍ଗୁଳା ଯାତ୍ରା ଆରମ୍ଭ

ଭୁବନ, ୨/୪(ନି/ପ୍ର):ଢେଙ୍କାନାଳ ଜିଲ୍ଲା ଭୁବନର ପ୍ରସିଦ୍ଧ ଶକ୍ତିପୀଠ ହିଙ୍ଗୁଳା ଠାକୁରାଣୀଙ୍କ ପବିତ୍ର ପୀଠରେ ଆଜି ବୁଧବାର ଠାରୁ ୬୮ ତମ(ଝାମୁଯାତ୍ରା, ମହାଯଜ୍ଞ) ହିଙ୍ଗୁଳା ଯାତ୍ରା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ଅପରାହ୍ନରେ ଶତାଧିକ ପୁରୁଷ, ମହିଳା କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମା ହିଙ୍ଗୁଳାଙ୍କ ନିକଟରେ ଘଟ ସ୍ଥାପନ କରିବେ। ଗୁରୁବାର ପୂର୍ଣ୍ଣମୀ ଦିନ ଅପରାହ୍ନ ୪ଘଟିକା ସମୟରେ ମାନସିକ ବ୍ରତଧାରୀ ପାଟୁଆଙ୍କ ଦ୍ୱାରା(ଝାମୁଯାତ୍ରା) ନିଆଁରେ ଚାଲିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଓଡ଼ିଶା ପୋଲିସ ହାଉସିଂ ଏଣ୍ଡ ୱେଲଫେୟାର କର୍ପୋରେସନର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ଗିରଫ

ସମ୍ବଲପୁର,୨/୪(ନି/ପ୍ର): ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସମ୍ବଲପୁର ଡିଭିଜନର ଓଡ଼ିଶା ପୋଲିସ ହାଉସିଂ ଏଣ୍ଡ ୱେଲଫେୟାର କର୍ପୋରେସନର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ସମ୍ବଲପୁର ରେଲୱେ ଷ୍ଟେସନ୍ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇ ଯାଂଚ କରିବାରେ ତାଙ୍କ ପାଖରୁ ନଗଦ ୫,୧୮,୯୦୦ ଟଙ୍କା ଜବତ କରାଯାଇଥିଲା। ଏହି ଟଙ୍କାର ହିସାବ ଓ ବୈଧତା ନେଇ କୌଣସି ସଠିକ୍ ଉତ୍ତର ସେ ଦେଇ ନପାରିବାରୁ ଏହାକୁ ଅବୈଧ ଅର୍ଜନ ବୋଲି ଭିଜିଲାନ୍ସ ବିଭାଗ ମନେ କରିଥିଲା । ପରେ ପରେ ସନ୍ଦେହ ଅଧିକ ଘନୀଭୂତ ହେବାରେ ଶ୍ରୀ ଭୋଳଙ୍କର ସମ୍ବଲପୁର, ଭୁବନେଶ୍ୱର ଓ ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ତଲାସୀ ସମୟରେ ଶ୍ରୀ ଭୋଳ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିପୁଳ ପରିମାଣର ସ୍ଥାବର ଅସ୍ଥାବର ସମ୍ପତ୍ତିର ସୁରାକ୍ ମିଳିଥିଲା । ଭିଜିଲାନ୍ସ ବିଭାଗ ଜବତ କରିଥିବା ସମ୍ପତ୍ତିର ବିବରଣୀ ଅନୁଯାୟୀ ୨ଟି ବହୁତଳ ଭବନ, ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ, ଜଟଣୀ ଓ ବ୍ରହ୍ମପୁର ସମେତ ଅନ୍ୟାନ୍ୟ ସ୍ଥାନରେ କେବଳ ୨୯ଟି ପ୍ଲଟ୍ ଠାବ ହୋଇଥିଲା । ଏଥିସହ ୧.୧୪୦ କିଲୋଗ୍ରାମ ସୁନା (୬ଟି ସୁନା କଏନ୍ ଓ ୨ଟି ବିସ୍କୁଟ), ନଗଦ ୪୮ ଲକ୍ଷ ,୭୯ ହଜାର ୧୦୦ ଟଙ୍କା, ୩୦ ଲକ୍ଷ ଟଙ୍କା ଡିପୋଜିଟ୍ ଓ ଅନ୍ୟାନ୍ୟ ନିବେଶ ଯାହା ଯାଂଚ ଅଧୀନରେ ରହିଛି । ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ୦୩/୨୬ରେ ଦୁର୍ନୀତି ନିବାରଣ (ସଂଶୋଧିତ) ଆଇନ, ୨୦୧୮ ଅଧୀନରେ ଏକ ମାମଲା ରୁଜୁ କରାଯାଇଛି। ଆଜି ଶ୍ରୀ ଭୋଳଙ୍କୁ ଗିରଫ କରାଯାଇ ସମ୍ବଲପୁର ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଛି । ସୂଚନାଯୋଗ୍ୟ ଶ୍ରୀ ଭୋଳ ୦୧.୦୮.୧୯୯୮ରେ ବ୍ରହ୍ମପୁରରେ ସହାୟକ ପ୍ରକଳ୍ପ ପ୍ରବନ୍ଧକ ଭାବେ ବିଭାଗରେ ମାତ୍ର ୭ ହଜାର ଟଙ୍କା ବେତନରେ ସରକାରୀ ସେବାରେ ଯୋଗ ଦେଇଥିଲେ।

## ଦୃଷ୍ଟିହୀନ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ

କେନ୍ଦ୍ରାପଡ଼ା,୨/୪(ନି/ପ୍ର): କେନ୍ଦ୍ରାପଡ଼ା ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଉତ୍କଳ ଦିବସ ଓ ୩୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ କେଶରୀ ବେଉରା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ପୌରସଂସ୍ଥା ର ପ୍ରାକ୍ତନ୍ ନିର୍ବାହୀ ଅଧିକାରୀ ଶ୍ରୀ ବଳଭଦ୍ର ପତ୍ରୀ, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଛାତ୍ର ଛାତ୍ରୀ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ସସ୍ମିତା ଅଧିକାରୀ, ରାଜନୀତି ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ଼ ବାବାଇ ନନ୍ଦୀ, ବିଶିଷ୍ଟ ସମାଜସେବୀ ସମୀର ଚାନ୍ଦ, ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି, ବରିଷ୍ଠ ସାମ୍ବାଦିକ କୁଳମଣୀ ଲେଙ୍କ। ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସ ପାଳନର ଆବଶ୍ୟକତା ସମ୍ପର୍କ୍ ରେ ଆଲୋଚନା କରିବା ସହ ସେହି ମହାମନିସ ମାନଙ୍କର ସ୍ମୃତି ଚାରଣ କରିଥିଲେ।

## ଏମଓୟୁ ସ୍ୱାକ୍ଷର : ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ଉନ୍ନତି ପାଇଁ ପଦକ୍ଷେପ

ଭଦ୍ରକ,୨/୪(ନି/ପ୍ର):ଭଦ୍ରକଜିଲ୍ଲା ପ୍ରଶାସନ ଓ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ମାରକ (ଏମଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦନ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ , ଜିଲ୍ଲା ଶିକ୍ଷା ଅଧିକାରୀ ଜଗବଂଧୁ ନାୟକ, ଜିଲ୍ଲା ଶିଶୁ କଲ୍ୟାଣ ଅଧିକାରୀ ରୁପାଲି ମିତ୍ର ଓ ଏମସିଏଲର ଜେନେରାଲ ମ୍ୟାନେଜର ଜ୍ୟୋତିର୍ମୟ ସିନ୍ହା ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଏମଓୟୁ ଅନୁଯାୟୀ, ଭଦ୍ରକ ଜିଲ୍ଲାର ଧାମନଗର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଓ ୫୦ଟି ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ କାମ ୫ କୋଟି ୧୦ ଲକ୍ଷ ୭୯ ହଜାର ୬୫୦ ଟଙ୍କା ବ୍ୟୟରେ



କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ ଯେ, ରାଜ୍ୟ ସରକାର ଶିକ୍ଷାର ପ୍ରସାର ଓ ଗୁଣନ୍ୱମୂଳକ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଗ୍ରହଣ କରୁଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବୃଦ୍ଧି, ପାଠଛାଡ଼ ଶିଶୁମାନଙ୍କୁ ପୁନର୍ବାର ଶିକ୍ଷାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କୁ ସମନ୍ୱୟ ରଖି କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ପଦକ୍ଷେପ ଫଳରେ ଅଂଚଳର ଶିକ୍ଷା ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ଲକ୍ଷଣୀୟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଦିବସ-୨୦୨୬ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସାମୂହିକ ଗାୟନ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ସୂଚନା ଦିଆଯାଇଛି। ଆସନ୍ତା ଏପ୍ରିଲ ୧ ତାରିଖ ସକାଳ ୭ଟା ସମୟରେ ଭଦ୍ରକ ସହରସ୍ଥ ନେହେରୁ ଷ୍ଟାଡିୟମ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ସହ ସାଧାରଣ ଜନସାଧାରଣଙ୍କୁ ଉପସ୍ଥିତ ରହିବାକୁ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିବେଦନ କରିଛନ୍ତି। ଏଥି ସହ ବନ୍ଦେ ଉତ୍କଳ ଜନନୀ" ର ରଚୟିତା କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରିବାକୁ ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରାୟ ୫୦୦୦ରୁ ଅଧିକ ଲୋକ ଏକ ସ୍ଥାନରେ ସମବେତ ହୋଇ ଏକ ସ୍ୱରରେ ରାଜ୍ୟ ସଙ୍ଗୀତ ଗାୟନ କରିବେ, ଯାହା ଓଡିଶାର ସାଂସ୍କୃତିକ ଏକତା, ଭାଷା ପ୍ରେମ ଓ ଗୌରବକୁ ଅଧିକ ସୁଦୃଢ଼ କରିବ।

## ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ : ପଶ୍ଚିମ ଓଡିଶା ସଂସ୍କୃତି ଏବଂ ସଭ୍ୟତାର ଗନ୍ତାଘର

ସମ୍ବଲପୁର,୨/୪(ନି/ପ୍ର): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆଇ ସି ଏଚ ଆର ଓ ଓଡିଶା ଗବେଷଣା କେନ୍ଦ୍ର ସହଯୋଗୀତାରେ ଚାଲିଥିବା '୧୮୫୭ର ଭୁଲିଯାଇଥିବା ଜ୍ୱାଳା : କୁଦୋପାଲିର ଅନାଲୋଚିତ କାହାଣୀ' ଶୀର୍ଷକ ଜାତୀୟ ସେମିନାର ଏବଂ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପ୍ରୟୋଜିତ 'ପଶ୍ଚିମ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ : ପରମ୍ପରା ଜ୍ଞାନ ପ୍ରଣାଳୀରୁ ଅନ୍ତର୍ଦୃଷ୍ଟି' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମାନ ଉଦଯାପିତ ହୋଇଛି । ଏଥିରେ ଭାରତୀୟ ଐତିହାସିକ ଗବେଷଣା ପରିଷଦ, ନୂଆଦିଲ୍ଲୀର ପ୍ରାୟୋଜକତା ମଧ୍ୟ ସାମିଲ ଥିଲା। ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ବିଦ୍ୱାନମାନଙ୍କ ସହିତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜର ଛାତ୍ର ଏବଂ ଗବେଷକମାନେ ଏହି ସେମିନାରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସମ୍ମନରେ ପଶ୍ଚିମ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ଏବଂ ଆଂଚଳିକ ଇତିହାସ ପୁନଃନିର୍ମାଣରେ ପରମ୍ପରା ଜ୍ଞାନ ପ୍ରଣାଳୀର ଗୁରୁତ୍ୱ ଉପରେ ପନ୍ଦରଟି ଗବେଷଣା ପତ୍ର ଉପସ୍ଥାପନ କରାଯାଇଥିଲା। ସମାପନୀ ଅଧିବେଶନରେ ଆଇସିଏଆର, ନୂଆଦିଲ୍ଲୀର ସଦସ୍ୟ ପ୍ର. ହରିହର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ, କମ୍ ଜଣାଶୁଣା ଐତିହାସିକ କାହାଣୀକୁ ଲୋକଲୋଚନକୁ ଆଣିବାରେ ଏପରି ଶିକ୍ଷାଗତ ପଦକ୍ଷେପର ତାତ୍ପର୍ଯ୍ୟ ରହିଛି। ଉପର ପଶ୍ଚିମ ଓଡ଼ିଶା ପ୍ରାଚୀନ ସଂସ୍କୃତି ଏବଂ ସଭ୍ୟତାର ଏକ ଗୁରୁତ୍ୱ ରହିଛି। ସମ୍ମାନିତ ଅତିଥି ପ୍ର. ପତିତ ପାବନ ମିଶ୍ର ଇତିହାସ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଆଂଚଳିକ ଇତିହାସ ଉନ୍ମୋଚନ କରିବାରେ ନିରନ୍ତର ଗବେଷଣା ଏବଂ ଶୈକ୍ଷିକ ନିୟୋଜିତତାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ ସମ୍ମାନର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ସହ-ସଂଯୋଜିକା ଡ. ସସ୍ମିତା ରାଣୀ ଶାସିନୀ ଶୈକ୍ଷିକ କାର୍ଯ୍ୟାବଳୀ ସମୀକ୍ଷା କରିଥିଲେ ଏବଂ ଦୁଇ ଦିନ ଧରି ଉପସ୍ଥାପିତ ପତ୍ରଗୁଡ଼ିକର ବିବିଧତା ଏବଂ ପାଣ୍ଡିତ୍ୟପୂର୍ଣ୍ଣ ମୂଲ୍ୟ ଉପରେ ଆଲୋକପାତ କରିଥିଲେ। ପରେ ଅଧ୍ୟାପକ ଅଞ୍ଜଳି ରାଣୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।



ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ କୋଲାବିରା ପଚାଂୟତ ସମିତି କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

## ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ଉପଭୋକ୍ତା ସଚେତନତା ଶିବିର

ବଲାଙ୍ଗୀର,୨/୪(ନି/ପ୍ର): ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗ ପକ୍ଷରୁ ଉପଭୋକ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଯୋଗାଣଅଧିକାରୀ ରଂଜନକୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥିଭାବରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ରକୁମାର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅରବିନ୍ଦ କୁମାର ଓଝା,ବଲାଙ୍ଗୀର କନଜ୍ୟୁମର ଫୋରମର ସଭାପତି ରବିନ୍ଦ୍ରକୁମାର ତ୍ରୀପାଠୀ,ସିଟିଜିଏସଟି ବିଭାଗର ଅଧିକାରୀ ଗୀତାଞ୍ଜଳି ବଡେଇ,ମାପ ଓ ଓଜନ ବିଭାଗର ଅଧିକାରୀ ସାଗରିକା ସାବତ ଓ ଯୋଗାଣଅଧିକାରୀ ଦେବଦତ ମହାପାତ୍ର ଯୋଗଦେଇଥିଲେ। କନଜ୍ୟୁମରଫୋରମର ସଭାପତି ରବିନ୍ଦ୍ରକୁମାର ତ୍ରୀପାଠୀ ଉପଭୋକ୍ତା ମାନେ କେଉଁକେଉଁ ଦିଗରେ ସଚେତନ ହେଲା ଠକେଇର ଶୀକାର ହେବା ନାହିଁ ସେ ଉପରେ ବକ୍ତବ୍ୟ ରଖିଥିଲେ। ସଚେତନ ହେବା ହିଁ ଉପଭୋକ୍ତାଙ୍କୁ ସୁରକ୍ଷା ଦେଇଥାଏ ବୋଲି ସେ ମତ ଦେଇଥିଲେ। ବଜାରରେ ବିଭିନ୍ନସ୍ଥାନରେ ବିକ୍ରୀହେଉଥିବା ଭେଜାଲସାମଗ୍ରୀକୁ ଚିହ୍ନି, ବିଜ୍ଞାପନରେ କେବଳ ପ୍ରଲୋଭିତ ନହୋଇ ତଥା ଅସଲି ଜିନିଷ ଦେଖି କିଣାବିକା କରିବାକୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଓଝା କହିଥିଲେ। ଉପଭୋକ୍ତାମାନେ ଯେଉଁଜିନିଷକୁ ଟଙ୍କାଦେଇ କିଣୁଛନ୍ତି ସେତେବେଳେ ନଜର ପୂର୍ଣ୍ଣଅଧିକାର ସାବ୍ୟସ୍ତ କରନ୍ତୁ। କିଣିଲା ବେଳେ ତାର ପେକିଂ ବା ନିର୍ମାଣ ତାରିଖ, ସମୟ ଅବଧି ତଥା ଆଇଏସଆଇ ମାର୍କାଦେଖି କିଣିବାକୁ ଉପଭୋକ୍ତାଙ୍କୁ ଅତିଥିଗଣ ପରାମର୍ଶ ଦେଇଥିଲେ। ତେବେ ବିକ୍ରେତା କିମ୍ବା କମ୍ପାନୀର ଜିନିଷ ଉପରେ ଅସନ୍ତୋଷ ହେଲେ ଉପଭୋକ୍ତାମାନେ ଖାଉଟି ଅଦାଲତର ଆଶ୍ରୟ ନେଇପାରିବେ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧିକାରୀ ପିତବାସ ମଲ୍ଲିକ, ପୁଷ୍ପଲତା ଦାସ, ସଦର ଏସିଏସଓ ଶରତ ରାଉତ,ଏମଆଇ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟମାନଙ୍କ ସହିତ ବିଭିନ୍ନ ଅଂଚଳରୁ ଆସିଥିବା ଉପଭୋକ୍ତାମାନେ ଯୋଗଦେଇଥିଲେ।

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନୀ ସନ୍ଧ୍ୟା

କେନ୍ଦ୍ରାପଡ଼ା,୨/୪(ନି/ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ଜିଲ୍ଲା କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ଏବଂ ମତ୍ସ୍ୟ ବିଭାଗ ତରଫରୁ ଅନୁଷ୍ଠିତ ଜନ ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଚିତାକର୍ଷକ ସମ୍ବଲପୁରୀ ନୃତ୍ୟ ମାଧ୍ୟମରେ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ସଫଳତାର ସହିତ ପରିବେଷିତ ହୋଇଯାଇଛି। ବିମଳ ପରିଡ଼ାଙ୍କ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଏବଂ ତପନ ତରାଇଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତିରେଖା ବିଶ୍ୱାଳ, ପ୍ରତୀକ୍ଷା ନାୟକ, ଅଙ୍କିତା ପରିଡ଼ା, ରାଜଲକ୍ଷ୍ମୀ ପରିଡ଼ା, ଅଙ୍କିତା ସାହୁ, ଅର୍ପିତା ସାହୁ, ଅଭିଲିପ୍ସା ସାହୁ, ରୂପାଲି ସୂତାର, ରେଖାଞ୍ଜଳି ଜେନା, ପ୍ରୀତିପ୍ରଜ୍ଞା ବିଶ୍ୱାଳ, ଯାଜ୍ଞସେନୀ ପ୍ରଧାନ, ଶୁଭଲକ୍ଷ୍ମୀ ବେହେରା, ମାନିନୀ ରାଉତ ପ୍ରମୁଖ ନୃତ୍ୟ ଶିଳ୍ପୀମାନେ କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉପରେ ଆଧାରିତ ସଚେତନତା ଧର୍ମୀ ଲୋକ ନୃତ୍ୟ ପ୍ରସ୍ତୁତ କରିଥିଲେ। ମେଳାର ଦ୍ୱିତୀୟ, ତୃତୀୟ, ଚତୁର୍ଥ ଏବଂ ପଂଚମ ଦିବସରେ ଭାବଗ୍ରାହୀ କଳା ନିକେତନର ଏହି କାର୍ଯ୍ୟକ୍ରମ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଉପସ୍ଥିତ ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ଏବଂ ପ୍ରସଂଶିତ ହୋଇଥିଲା। ସୁଭଦ୍ରା ଶକ୍ତି ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ସଭା ଶେଷରେ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ବିଶିଷ୍ଟ କଣ୍ଠଶିଳ୍ପୀ ନିରୁପମା ଜେନା ଅକ୍ଷୟ ମହାନ୍ତିଙ୍କ କେତେକ କାଳଜୟୀ ସଙ୍ଗୀତ ପରିବେଷଣ କରିଥିଲେ। ରୂପାଲି ସୂତାର, ପ୍ରତୀକ୍ଷା ନାୟକ ଏବଂ ସ୍ମୃତିରେଖା ବିଶ୍ୱାଳ ଅକ୍ଷୟଙ୍କ କାଳଜୟୀ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସଙ୍କ ଅନୁରୋଧରେ ବିମଳ ପ୍ରସାଦ ପରିଡ଼ା ପୁଣ୍ୟର ନଦୀ ତୀରେ ଏବଂ ଏଇ ଯେ ବନଲତା ପାହାଡ଼ ଗୀତ ଗାଇଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ପ୍ରକାଶ ଗୌଡ ଏହି କାର୍ଯ୍ୟକ୍ରମରେ ଅକ୍ଷୟ ମହାନ୍ତିଙ୍କ ନିଶି ବିଜନେ ଗୀତ ଗାଇଥିଲେ। ଏହି ଅବସରରେ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ଝାରସୁଗୁଡ଼ା ଶିଶୁକନ୍ୟା ଦୁଷ୍କର୍ମ ମାମଲା
### ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଝାରସୁଗୁଡ଼ା,୨/୪(ନି/ପ୍ର):୨୦୨୫ ଜୁନ୍ ୨୭ରେ ଝାରସୁଗୁଡ଼ାରେ ଜଣେ ୪ ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହୋଇଥିଲେ। ଏହି ମାମଲାରେ ଆଜି ଅତିରିକ୍ତ ଜିଲ୍ଲା ବିଚାରପତି ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାର ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୁଖ୍ୟ ଅଭିଯୁକ୍ତ ପଙ୍କଜ ପୋଢ଼ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସହଯୋଗୀ ଅନୁ ବାଗକୁ ୨ ବର୍ଷ ଦଣ୍ଡାଦେଶ ପ୍ରଦାନ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଘଟଣା ଦିନ ପ୍ରାୟ ୪ ବର୍ଷର ନାବାଳିକାଙ୍କୁ ଦୁଇ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ବ୍ରଜରାଜନଗର ଥାନାରେ ଜୁନ୍ ୩୦ରେ ନଂ ୧୪୦ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଦଫା, ପୋକ୍ସୋ ଆଇନ ଏବଂ ଜୁଭେନାଇଲ୍ ଜଷ୍ଟିସ୍ ଆଇନରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ଦାଏର ହୋଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରାରେ, ଅଭିଯୁକ୍ତ ପଙ୍କଜ ପୋଢକୁ ବିଏନ୍‌ଏସ୍‌ର ଦଫା ୬୫(୨), ୬୪(୨)(ଫ), ୧୧୫(୨) ସହ ପୋକ୍ସୋ ଆଇନ ଦଫା ୬(୧) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ଅତିରିକ୍ତ ୧ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟ ଅଭିଯୁକ୍ତ ଅନୁ ବାଗକୁ ବିଏନ୍‌ଏସ୍‌ର ଦଫା ୧୧୫(୨), ପୋକ୍ସୋ ଆଇନଦଫା ୨୧ ଏବଂ ଆଇନ ଦଫା ୭୫ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

